OPEN ACCESS

*Ind. Jr. of Mod. Res. and Rev* *PEER-REVIEWED JOURNAL* *Volume 4 Issue 8 [Aug] Year 2026*

**Indian Journal of Modern Research and Reviews**

This Journal is a member of the *'Committee on Publication Ethics'*

Online ISSN:2584-184X

*Research Article*

# ଏକବିଂଶ ଶତାବ୍ଦୀର ଓଡ଼ିଆ ଉପନ୍ୟାସରେ ଦାଦନ ସମସ୍ୟା

**ମାନସ କୁମାର ନାୟକ**

ଗବେଷକ,ଭାରତୀୟ ଭାଷା ଓ ସାହିତ୍ୟ ବିଭାଗ(ଓଡ଼ିଆ),ଦିଲ୍ଲୀ ବିଶ୍ୱବିଦ୍ୟାଳୟ ମୋ, ଭାରତ

**Corresponding Author:** * ମାନସ କୁମାର ନାୟକ

**DOI:** https://doi.org/10.5281/zenodo.22157861

**ସାରାଂଶ**

ସାମ୍ପ୍ରତିକ ସମୟରେ ଓଡ଼ିଶାରେ ଏତେଟା ନିଯୁକ୍ତି ସୁଯୋଗ ନ ଥିବାରୁ ଓଡ଼ିଶାର ଶିକ୍ଷିତ ଯୁବକମାନେ ବେକାର ହୋଇ ଘରେ ବସୁଛନ୍ତି କିମ୍ବା ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ସାଧାରଣତଃ କଳାହାଣ୍ଡି, ନବରଙ୍ଗପୁର , ବଲାଙ୍ଗୀର, ବୌଦ୍ଧ,ଆଦି ଜିଲ୍ଲାର ଲୋକମାନେ ଆନ୍ଧ୍ରପ୍ରଦେଶ, ସୁରଟ, ହାଇଦ୍ରାବାଦ ଭଳି ସହରକୁ କାମ ପାଇଁ ଯାଇଥାନ୍ତି / ସେଠାରେ ଇଟାଭାଟି, ସୂତାକଳ, ପଥର ଖାଦାନ ଭଳି ଅସୁରକ୍ଷିତ ଜାଗାରେ ସ୍ୱଳ୍ପ ବେତନରେ କାମ କରନ୍ତି / ଇଟାଭାଟିରେ କାମ କରିବା ସମୟରେ ମାଲିକର ଅତ୍ୟାଚାର ଏବଂ ଉପଯୁକ୍ତ ପାରିଶ୍ରମିକରୁ ମଧ୍ୟ ବଞ୍ଚିତ ହୁଅନ୍ତି / କେବଳ ସେତିକି ନୁହେଁ ନାରୀମାନେ ଧର୍ଷଣ ଏବଂ ହତ୍ୟାର ମଧ୍ୟ ଶିକାର ହୁଅନ୍ତି / ସରକାର୍ ଏମାନଙ୍କ ପାଇଁ ଦାଦନ ଆଇନ ଜାରି କରିଥିଲେ ମଧ୍ୟ ତାହା ଉପଯୁକ୍ତ ଭାବରେ କାର୍ଯ୍ୟକାରୀ ହେଇପାରୁନାହିଁ / ଏହି ଦାଦନ ଶ୍ରମିକମାନଙ୍କ ଦୁଃଖଭରା ଜୀବନକୁ କେନ୍ଦ୍ର କରି ଓଡ଼ିଆ ସାହିତ୍ୟରେ ବର୍ତ୍ତମାନ ଅନେକ ଉପନ୍ୟାସ ରଚିତ ହେଉଛି / ଏହି ଶ୍ରମିକମାନଙ୍କର ବଞ୍ଚିବାର ସଂଘର୍ଷ, ଅନ୍ୟ ରାଜ୍ୟରେ ଏମାନଙ୍କ ଉପରେ ହେଉଥିବା ଅକଥନୀୟ ଅତ୍ୟାଚାର, ନିଜ ଭିଟାମାଟି, ଘରଦ୍ୱାର ଛାଡ଼ିଯିବାର ଯନ୍ତ୍ରଣାକୁ ଏଥିରେ ଦେଖିବାକୁ ମିଳେ / ଭଲରେ ଗଣ୍ଡେ ଖାଇବା, ଭଲ ଖଣ୍ଡେ ପିନ୍ଧିବାର ଅଭିଳାଷ ନେଇ ଅନ୍ୟ ରାଜ୍ୟ ଦାଦନ ଖଟିଯାଉଥିବା ଏହି ଶ୍ରମିକମାନଙ୍କ କୋହଭରା ଜୀବନକୁ ଦର୍ଶାଇବା ହେଉଛି ଏ ନିବନ୍ଧର ଉଦ୍ଦେଶ୍ୟ /

**Manuscript Information**

- **ISSN No:** 2584-184X
- **Received:** 07-07-2026
- **Accepted:** 26-08-2026
- **Published:** 29-08-2026
- **MRR:**4(8); 2026: 302-309
- **©2026, All Rights Reserved**
- **Plagiarism Checked:** Yes
- **Peer Review Process:** Yes

**How to Cite this Article**

ମାନସ କୁମାର ନାୟକ. ଏକବିଂଶ ଶତାବ୍ଦୀର ଓଡ଼ିଆ ଉପନ୍ୟାସରେ ଦାଦନ ସମସ୍ୟା. Indian J Mod Res Rev. 2026;4(8):302-309.

**Access this Article Online**

www.mrrjournal.in

**ପ୍ରମୁଖ ଶବ୍ଦାବଳୀ:** ଦାଦନ, ଭିଟାମାଟି, ଶ୍ରମିକ, ଇଟାଭାଟି, ଅତ୍ୟାଚାର, ଦୁଃଖ, ସମସ୍ୟା



© 2026 ମାନସ କୁମାର ନାୟକ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

## ଉପକ୍ରମ

ଜୀବିକା ସନ୍ଧାନରେ ନିଜ ରାଜ୍ୟ ଛାଡ଼ି ଅନ୍ୟ ରାଜ୍ୟକୁ ଟଙ୍କା ରୋଜଗାର ପାଇଁ ଯାଉଥିବା ଲୋକମାନଙ୍କୁ ଦାଦନ କୁହାଯାଏ। ଏମାନେ ନିଜର ପେଟପାଟଣା ପାଇଁ ନିଜର ଭିଟାମାଟି ଛାଡ଼ି ଅନ୍ୟତ୍ର ଯାଇ ଚୁକ୍ତି ମୁତାବକ ଖଟନ୍ତି।ସାଧାରଣତଃ ଅଧିକାଂଶ ଦାଦନ ଋଣଗ୍ରସ୍ତ ହୋଇ ବାହାରକୁ ଚାଲିଯାଆନ୍ତି। ଓଡ଼ିଶାରେ ଦାଦନ ଶ୍ରମିକ ସଂଖ୍ୟା ଧିରେ ଧିରେ ବଢ଼ିବାରେ ଲାଗିଛି। ଏହାର କାରଣ ଓଡ଼ିଶାରେ କଳକାରଖାନାର କମି, ନିଯୁକ୍ତି ସୁଯୋଗର ଅଭାବ। ଯାହାକି ଶିକ୍ଷିତ ବେକାରୀ ବୃଦ୍ଧିରେ ସହାୟକ ହେଉଛି। ଓଡ଼ିଶାରେ ବିଶେଷ କରି କୋରାପୁଟ, ବଲାଙ୍ଗୀର, କଳାହାଣ୍ଡି, ବରଗଡ଼ ଆଦି ଜିଲ୍ଲା ମାନଙ୍କରେ ଦାଦନ ସମସ୍ୟା ଅଧିକ। ଯେଉଁ ଜିଲ୍ଲା ଯେତେ ଦାରିଦ୍ର୍ୟ ସେହି ଜିଲ୍ଲାରେ ସେତେ ପରିମାଣରେ ଦାଦନ। ଏହି ସମସ୍ୟା ଯୋଗୁଁ ଅନେକ ଲୋକ ସେମାନଙ୍କ ଭିଟାମାଟି ଛାଡୁଛନ୍ତି, ଖାଦ୍ୟାଭାବରୁ ପିଲାମାନଙ୍କୁ ବିକ୍ରି କରୁଛନ୍ତି ଏବଂ ଅନାହାରରେ ମୃତ୍ୟୁବରଣ କରୁଛନ୍ତି। କ୍ଷୁଧା,ରୋଗ, ଦାରିଦ୍ର୍ୟ, ମରୁଡ଼ି ଆଦିରୁ ବର୍ତ୍ତିବା ପାଇଁ ସେମାନେ ଦାଦନ ଯାଆନ୍ତି। ତେବେ ଏହି ଦାଦନ ସମସ୍ୟାକୁ ନେଇ ଅନେକ ଉପନ୍ୟାସମାନ ରଚିତ ହୋଇଛି, ଯେଉଁଥିରେ ପାଠକ ଶବ୍ଦ ଜରିଆରେ ଦାଦନ ଶ୍ରମିକମାନଙ୍କୁ ଭେଟେ, ସେମାନଙ୍କ ଦୁଃଖ କଷ୍ଟକୁ ଅନୁଭବ କରେ।

### ଦାଦନ ସୁନ୍ଦରୀ (୨୦୧୧) :

ଦାଦନ ସମସ୍ୟାକୁ ଆଧାର କରି ରଚିତ ଉପନ୍ୟାସଗୁଡ଼ିକ ମଧ୍ୟରେ ଔପନ୍ୟାସିକ ସଞ୍ଜୟ ମିଶ୍ରଙ୍କ 'ଦାଦନ ସୁନ୍ଦରୀ' ଏକ ଚର୍ଚ୍ଚିତ ଉପନ୍ୟାସ। ଏହା ପ୍ରଥମେ 'ତିର' ଶୀର୍ଷକରେ ୨୦୧୧ ମସିହାରେ ପୂଜାସଂଖ୍ୟା 'ଅନ୍ୟା' ରେ ପ୍ରକାଶ ପାଇଥିଲା। କରୁଣ ରସାଶ୍ରିତ ଏହି ଉପନ୍ୟାସ ଦାଦନ ଶ୍ରମିକମାନଙ୍କ ପ୍ରତି ସମାଜରେ ଘଟୁଥିବା ଅମାନବିକତାର ପରିଚୟ ବହନ କରେ। ନାୟିକା ତିରର ଯନ୍ତ୍ରଣାକ୍ଲିଷ୍ଟ ଜୀବନକୁ ଲୁହର କଲମ ଏବଂ ଲହୁର କାଳିରେ ସାହିତ୍ୟର ରୂପ ଦେଇଛନ୍ତି ଔପନ୍ୟାସିକ। ଉପନ୍ୟାସର ମୁଖ୍ୟ ପ୍ରସଙ୍ଗ ହେଉଛି ବଲାଙ୍ଗୀର କଣ୍ଟାବାଞ୍ଜି ଅଞ୍ଚଳରେ ରହୁଥିବା ଅଧିବାସୀମାନଙ୍କ ଦାଦନ ସମସ୍ୟା। ଏହାର ଅନ୍ତରାଳରେ ଦେଖିବାକୁ ମିଳେ ସେହି ଅଞ୍ଚଳର ଦାରିଦ୍ର୍ୟ, ମରୁଡ଼ି, ଅନାହାର ମୃତ୍ୟୁ, ଖାଦ୍ୟାଭବରୁ ପିଲାବିକ୍ରି ଆଦି ଘଟଣା। ସମୟର ରଥ ତଳେ ଇଟାଭାଟି ମାଲିକମାନଙ୍କ କଷଣରେ ପେଷିହୋଇଯାଇଥିବା ତିର ଭୁଏଁର ଲୁହବେଦନାଭରା କାହାଣୀ ହେଉଛି 'ଦାଦନ ସୁନ୍ଦରୀ' ଉପନ୍ୟାସ। ସୁନ୍ଦରୀ ତିର ଗାଁ ସ୍କୁଲରେ ପାଠ ପଢ଼େ, ଛେଳି ଚରାଏ, ଜଙ୍ଗଲ ଯାଏ, ଗୀତ ଗାଏ, ଘର କାମ ଆଦିରେ ତା ଜୀବନ ଚାଲେ। ଅଙ୍ଗନବାଡ଼ିରେ କର୍ମଚାରୀ ହେବାର ଆଶା ରଖିଥିବା ତିର ଦିନେ ଯାଇଛି ଅଜଣା ରାଇଜକୁ ଟଙ୍କା ରୋଜଗାର ପାଇଁ। ଗାଁ ରେ ତାର ପ୍ରେମିକ ହୁରୁଦା। ଯାହାକୁ ସେ ମନପ୍ରାଣ ଦେଇ ଭଲପାଏ, ସନ୍ଧ୍ୟାରେ ପାହାଡ଼ ପଛରେ ଉଭୟଙ୍କ ଦେଖା ହୁଏ। କିନ୍ତୁ ତାଙ୍କର ଏ ଅଭାବୀ ପ୍ରେମ ଭାସିଯାଇଛି ଦାରିଦ୍ର୍ୟର ବନ୍ୟାରେ।

ପଶ୍ଚିମ ଓଡ଼ିଶାର ବଡ଼ ପର୍ବ 'ନୂଆଖାଇ' ପାଳନ କରିସାରି ରସରକେଲି ଗୀତରେ ମଜ୍ଜିସାରି ପରଦିନ ତିର ଘରର ଚାରି ପଥୁରିଆ,ଭୋଇ ଘରର ଦୁଇ ପଥୁରିଆ ସହ ମୋଟ୍ ଛଅ ପଥୁରିଆ ଏବଂ ସତେଇଶ ଜଣ ବାହାରିଲେ ଦାଦନ ଖଟିବାକୁ ଆନ୍ଧ୍ରପ୍ରଦେଶ। ଇଟା ଗଢ଼ା ପାଇଁ ଲୋଡ଼ା ହୁଏ ତିନି ଜଣ ଲୋକ। ଜଣେ ମାଟି ଆଣି ମୁଣ୍ଡା କରିବ, ଜଣେ ତାକୁ ଆକୃତି ଦେବ, ଜଣେ ଇଟାକୁ ଶୁଖେଇବ। ଏ ତିନି ଜଣିଆ ଗୋଷ୍ଠୀକୁ ସ୍ଥାନୀୟ ଭାଷାରେ ପଥୁରିଆ କୁହାଯାଏ। ସାଧାରଣତଃ ଗୋଟିଏ ପରିବାରକୁ ନେଇ ଗୋଟିଏ ପଥୁରିଆ ହେଇଥାଏ। ଏମାନେ ସମସ୍ତେ ଯାଇ ପହଞ୍ଚିଲେ କଣ୍ଟାବାଞ୍ଜି ରେଳ ଷ୍ଟେସନରେ। ସେଠାରେ ପୂର୍ବରୁ ବୌଦ୍ଧ, ସମ୍ବଲପୁର, ବରଗଡ଼, ନୂଆପଡ଼ା ଆଦି ଜିଲ୍ଲାର ଶ୍ରମିକମାନଙ୍କ ଭିଡ଼ ଥାଏ। ସମସ୍ତଙ୍କର ସ୍ଥାନ ଭିନ୍ନ, ପରିସ୍ଥିତି ଭିନ୍ନ କିନ୍ତୁ ଲକ୍ଷ୍ୟ ଗୋଟିଏ ଟଙ୍କା ରୋଜଗାର କରିବା। ସାତଶହଲୋକବିଶିଷ୍ଟ ବଗିରେ ବସନ୍ତି ହଜାର ହଜାର ଲୋକ। ସେ ଦଳା ଚକଟା ଭିତରେ ତିର ଦୂରେଇଯାଏ ତାର ବାପା ମା ଙ୍କ ଠାରୁ। ସେ ଅନ୍ଧାରରେ ତିର ସହେ ସର୍ପରୂପୀ ପୁରୁଷମାନଙ୍କ ଚୋଟକୁ। ତିର ଭାବେ ଗରିବର ଇଜ୍ଜତ ବୋଲି କିଛି ନଥାଏ।

ସବୁ ଶ୍ରମିକମାନେ ଯାଇ ପହଞ୍ଚନ୍ତି ହାଇଦ୍ରାବାଦରେ। ସେଠାରୁ ଟ୍ରକ ଯୋଗେ ବୋହି ଯାଆନ୍ତି ନିଜ ନିଜ କର୍ମସ୍ଥଳକୁ। ତିର ତାର ବାପା ରୋହିତ ଓ ମା ଲାଇବେନୀ ମିଶି ଗୋଟିଏ ପଥୁରିଆ ହେଇ କାମ କରନ୍ତି। ଇଟା ମାଟି,ପାଣି,ବାଲିରେ ନୁହଁ ବରଂ ଶ୍ରମିକମାନଙ୍କ ମାଂସ, ଝାଳ ଏବଂ ଲୁହଭିଜା ରକ୍ତରେ ତିଆରି ହୁଏ। ମାଲିକମାନେ କୁହନ୍ତି ମୋତେ ଜୀବନ ଦିଅ ମୁଁ ଇଟା ଗଢ଼ିବି। ଶ୍ରମିକମାନଙ୍କ ଜୀବନ ପ୍ରତିବଦଳରେ ମାଲିକ ଇଟା ତିଆରି କରେ। ତିର ଶୁଣେ ଏ ମାଲିକମାନଙ୍କ ଅତ୍ୟାଚାରର କାହାଣୀ। କେଉଁ ମାଲିକ ପିଟିପିଟି ଶ୍ରମିକର ହାତଗୋଡ଼ ଭାଙ୍ଗିଦେଲାଣି ତ କେଉଁ ମାଲିକ ନିଜ ସ୍ୱାମୀର ଶବସତ୍କାର ପାଇଁ ସ୍ତ୍ରୀକୁ ଛାଡ଼ିଦିଏନି। କେଉଁ ଭାଟିରେ ଶ୍ରମିକର ଦେଢ଼ବର୍ଷିଆ ପୁଅକୁ ମାରି ମାଲିକ ତାର ମାଂସ କୁକୁରକୁ ଦେଲାଣି ତ କେଉଁ ଭାଟିରେ ଗର୍ଭବତୀ ମହିଳାଙ୍କ ପାଇଁ ଖାଦ୍ୟ ନାହିଁ, ଔଷଧ ନାହିଁ, ବିଶ୍ରାମ ନାହିଁ, ଖାଲି ଅଛି ଗଧ ଖଟଣି ଆଉ ନିର୍ଯ୍ୟାତନା। ମାଡ଼ ଓ ମରଣ ଭିତରେ ଜୀବନ କାଟୁଥିବା ଏ ଶ୍ରମିକମାନେ ସାଜିଗଲେଣି ପଥର। 'ପ୍ରତିବାଦ' ର ଶବ୍ଦ ତାଙ୍କ ଅଭିଧାନରେ ଥିଲେ ବି ତାହା ମାଲିକ ଡରରେ ଅକାମୀ ପଡ଼ିଯାଇଛି। କିଛିଦିନ ପରେ ତିର ଶୁଣିବାକୁ ପାଏ ଗାଁରେ ଜେଜେ ଜଗୁ ଭୁଏ ଅନାହାରରେ ମୃତ୍ୟୁବରଣ କରେ। ଏହି ସମୟରେ ତିର ଭଳି ଅନେକ ଶ୍ରମିକମାନଙ୍କ ପାଇଁ ଦେବଦୂତ ସାଜି ଆସେ ଜାହ୍ନବୀ। ଉତ୍କଳ ବିଶ୍ୱବିଦ୍ୟାଳୟରେ ଉପାଧ୍ୟୁତ୍ତର ଶିକ୍ଷା ଗ୍ରହଣ କରି ଜାମିଆ ମିଲିଆ ଇସଲାମିଆରେ ସାମ୍ବାଦିକତା କରି ସେ ଆସିଛି ଦାଦନ ଶ୍ରମିକମାନଙ୍କ ଉପରେ ଗବେଷଣା କରି ଫିଲ୍ମ ନିର୍ମାଣ କରିବ। ଦୁନିଆକୁ ଦେଖାଇବ ବଲାଙ୍ଗୀରର ଅଭାବ, ଦାରିଦ୍ର୍ୟ ଅଞ୍ଚଳକୁ, ଭେଟିବ କଷଣର ନାୟକ ଓ ନାୟିକାମାନଙ୍କୁ। ପ୍ରେମିକ ଭାର୍ଗବର ମନା କରିବା ସତ୍ତ୍ୱେ ନିଜ କ୍ୟାରିୟରକୁ ବାଜି ଲଗାଇ ସେ ଦିଲ୍ଲୀରୁ ଆସି ଏ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଲୋକଙ୍କୁ ନେଇ ଫିଲ୍ମ କରିବ। ଜାହ୍ନବୀ ରୂପ ଦେଲା ଭୋକ, ଅନାହାର, ଚାଷୀ ଆତ୍ମହତ୍ୟା, ଦାଦନ ଆଦିକୁ ତାର ଫିଲ୍ମରେ। ହାତରେ କ୍ୟାମେରା ଧରି ଏ ଭାଟିରୁ ସେ ଭାଟିକୁ ଯାଇ ସୁଟିଂ କଲା ଦୁଃଖ ଜର୍ଜରିତ କାହାଣୀ ସବୁକୁ। ଏଥିପାଇଁ ସେ ମାଲିକମାନଙ୍କଠାରୁ ଗାଳି ମଧ ଖାଇଛି। କିନ୍ତୁ ନିଜ ଲକ୍ଷ୍ୟ ସ୍ଥଳରୁ କେବେ ଓହରିଯାଇନି।

ଏପଟେ ମାଲିକ ସମସ୍ତଙ୍କୁ ଘରକୁ ଯିବାକୁ ଦେବାବେଳେ ରୋହିତର ପରିବାରକୁ ଆଉ ଏକ ବର୍ଷ ପାଇଁ ଭାଟିରେ ରଖିଛି। ତିର ଭାଟି ମାଲିକର ଯୌନପିପାସାର ଶିକାର ହୋଇ ଗର୍ଭବତୀ ହୋଇଛି। ପିଲାଟିକୁ ଖସେଇଦେବା ପାଇଁ ମାଲିକଠାରୁ ମାଡ଼ ମଧ ଖାଇଛି। ତିରର ବାପା ପୋଲିସ୍ ଆଗରେ ଅଭିଯୋଗ ପାଇଁ ଯିବାରୁ ତାକୁ ମାରି ଆତ୍ମହତ୍ୟାର ରୂପ ଦିଆଯାଇଛି। ତିର ଧିକାର୍ କରିଛି ନିଜ ଶରୀର ପ୍ରତି, ନିଜ ଯୌବନ ପ୍ରତି ତାର ଅହେତୁକ ଘୃଣା। ଝିଅ ଜନ୍ମ ଏକ ଅଭିଶାପ ବୋଲି ସେ ମନେକରିଛି। ତିର ବେଳେବେଳେ ଭାବେ ଯେ ତା ଛାତିର ମାଂସପିଣ୍ଡୁଳା ଦିଓଟି ସହ ଜଙ୍ଘ ସାଥିରେ ଥିବା ଅଂଶଟି ଯଦି ନଥାନ୍ତା ତାର,ତେବେ ସେ ପୁରୁଷମାନଙ୍କ ଲୋଲୁପ ଦୃଷ୍ଟିରୁ ବଞ୍ଚିପାରନ୍ତା ମାଲିକଠାରୁ ମେଟା ପର୍ଯ୍ୟନ୍ତ ସମସ୍ତେ ତିରର ସେ ଦେହ ସହ ଖେଳୁଥିଲେ। ବିଚାରି ଜାଣିପାରେନି ତା ପେଟରେ ବଢୁଥିବା ମାଂସପିଣ୍ଡୁଳାଟି କାହାର ଅମାନତ।

ଜାହ୍ନବୀର ପ୍ରଚେଷ୍ଟାରେ ଇଟାଭାଟିମାନଙ୍କରେ ପ୍ରଶାସନର ରେଡ୍ ପଡ଼ିବାରୁ ତିର ସହ ତା ମା ଏବଂ ଅନେକ ଶ୍ରମିକ ମୁକ୍ତିପାଇଥିଲେ ସେଦିନ ମାଲିକର ଶୋଷଣରୁ। ଅବିବାହିତା ତିର କୋଳରେ ଏକ ମାସ ଶିଶୁକୁ ଧରି ପହଞ୍ଚେ ନିଜ


© 2026 ମାନସ କୁମାର ନାୟକ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଗାଁ ଜନକପୁରିରେ। ତିନି ବର୍ଷ ତଳେ ଯେଉଁଠୁ ଆରମ୍ଭ କରିଥିଲା ତାର ଯାତ୍ରା ପୁଣି ସମୟ ତାକୁ ସେଇଠିକି ନେଇଆସିଛି। ଗାଁ ରେ ସମସ୍ତଙ୍କ ମୁହଁରେ ଗୋଟିଏ ପ୍ରଶ୍ନ ଏ ପିଲା କାହାର ? କୁଆଁରୀ ଅବସ୍ଥାରେ ମା ହେବା ଜଣେ ନାରୀ ପାଇଁ ଯମଯନ୍ତ୍ରଣାଠୁଁ ବି ଆହୁରି କଷ୍ଟ। ତିର ଆଉ କୁନ୍ତୀ ନୁହେଁ ଯେ ଗଙ୍ଗା ନଦୀରେ ପିଲାଟାକୁ ଭସେଇଦେବ। ହେଉ ପଛକେ ପଙ୍କଜ ଅବୈଧ କିନ୍ତୁ ମା ପାଇଁ ତାର ପୁଅ ସବୁ ସମ୍ପର୍କଠୁ ଶୀର୍ଷରେ। ତିନି ବର୍ଷ ପରେ ତିରର ବାହାଘର ଠିକ୍ ହୁଏ ଏକ ସର୍ତ୍ତରେ ଯେ ସେ ପଙ୍କଜକୁ ବାପଘରେ ଛାଡ଼ି ଶାଶୁଘରକୁ ଯିବ। କିନ୍ତୁ ତିର ନିଜ ପୁଅକୁ ଛାଡ଼ିବାକୁ ରାଜି ହୁଏନି। ଲାଏବେନିର ମୃତ୍ୟୁ ପରେ ତିର ଉପରେ ଆକାଶ ଛିଣ୍ଡିପଡ଼େ।ସେ ଅସହାୟ ହୋଇଯାଏ। ତାର ଜୀବନ ଦୁର୍ବିସହ ହୋଇପଡ଼େ। କାମ କରିବା, ଛୁଆକୁ ଖାଇବାକୁ ଦେବା, ଘର କାମ କରିବା ଏସବୁ ଭିତରେ ଭାଙ୍ଗିପଡ଼େ ତିର। ଅଳ୍ପ ବୟସରେ ଦେହ ଓ ମନ ଦୁର୍ବଳ ହୋଇ ସେ ରୋଗଗ୍ରସ୍ତ ହୋଇଯାଏ। ଶେଷରେ ଅସଂଖ୍ୟ ଦୁଃଖ ଯାତନା ଭୋଗିଥିବା ଦାଦନ ସୁନ୍ଦରୀ ତିରର ମୃତ୍ୟୁ ଘଟେ। ଅନାଥ ପଙ୍କଜକୁ ପିଉସୀ ପାଳନ କରେ। ସେ ବି କିଛି ଦିନ ପରେ ପ୍ରସ୍ତୁତ ହୁଏ ଦାଦନ ଯିବାକୁ।

ଯୁଗେ ଯୁଗେ ତିର ଭଳି ଅସଂଖ୍ୟ ଦାଦନ ସୁନ୍ଦରୀମାନଙ୍କ ଜୀବନ ଇଟାଭାଟିରେ ଜଳିଯାଏ ରୋହିତ, ତିର, ଲାଏବାନୀ ଏମାନେ ହଜିଯାନ୍ତି ସମୟ ସୁଅରେ, ଲିଭିଯାନ୍ତି ଇଟାଭାଟିର ଧୁଆଁରେ, ମିଶିଯାଆନ୍ତି ଦାଦନ ମାଟିରେ। ଔପନ୍ୟାସିକ ତିର ଚରିତ୍ର ମାଧ୍ୟମରେ ଅସଂଖ୍ୟ ଦାଦନ ଶ୍ରମିକମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ଦର୍ଶାଇଛନ୍ତି। ଏହି ଉପନ୍ୟାସ ପ୍ରତ୍ୟକ୍ଷ ଭାବରେ ବଲାଙ୍ଗୀର ଅଞ୍ଚଳର ଆବେଗଭରା ଗାଥାକୁ ପ୍ରକାଶ କରେ। ଯେଉଁଠି ତିର ଭଳି ଅନେକ ସୁନ୍ଦରୀ ଦାଦନ ଖଟିବାକୁ ଯାଇ ହରାନ୍ତି ନିଜ ଯୌବନ, ନିଜ ସ୍ୱପ୍ନ, ନିଜ ପରିବାର ଓ ସର୍ବୋପରି ହରାନ୍ତି ନିଜ ଜୀବନ।

**ଦାଗ (୨୦୧୩):**

ଦାଦନ ସମସ୍ୟାକୁ ଭିତ୍ତି କରି ଲିଖିତ ଔପନ୍ୟାସିକା ସ୍ୱପ୍ନା ମିଶ୍ରଙ୍କ ଏହା ପ୍ରଥମ ଉପନ୍ୟାସ। ନଭେମ୍ବର ରୁ ଜାନୁଆରୀ ମାସ ମଧ୍ୟରେ କେସିଙ୍ଗା, କଣ୍ଟାବାଞ୍ଜି ଆଦି ରେଳଷ୍ଟେସନରୁ ହାଇଦ୍ରାବାଦ ଅଭିମୁଖେ ଯାଉଥିବା ଅନେକ ଦାଦନ ଶ୍ରମିକମାନଙ୍କୁ ଏହି ଉପନ୍ୟାସରେ ଦେଖିବାକୁ ମିଳେ। ଆନ୍ଧ୍ରର ଇଟାଭାଟିରେ କାମ କରିବା ପାଇଁ ଏମାନେ ଦଳଦଳ ହୋଇ ପରିବାର ସହ ଯାଇଥାନ୍ତି। ଏମାନେ ପୂର୍ବରୁ ଦଲାଲମାନଙ୍କଠାରୁ ବଇନା ନେଇଥାନ୍ତି ଏବଂ ତାକୁ ଶୁଝିବାପାଇଁ ଦାଦନ ଶ୍ରମିକ ଭାବେ ନିଜ ରାଜ୍ୟ, ନିଜ ଭିଟାମାଟି ଛାଡ଼ିଥାନ୍ତି। ସେଠାରେ ଇଟାଭାଟି ମାଲିକ ସେଠର ସମସ୍ତ ଅତ୍ୟାଚାରକୁ ସହି ମାଟି ସହ ମାଟି ହୋଇ ତିଆରି କରନ୍ତି ମାଟି। ଏହିପରି ଏକ ଗରିବ ଖଟିଖିଆ ଦାଦନ ଶ୍ରମିକର କାହାଣୀ ହେଉଛି ଏ 'ଦାଗ' ଉପନ୍ୟାସ।

ଉପନ୍ୟାସର ନାୟକ ଧୁବୁଲେ ନିଜର ପ୍ରଥମ ପତ୍ନୀକୁ ଛାଡ଼ିଦେବା ପରେ ଦ୍ୱିତୀୟ ପତ୍ନୀ ରୂପେ ଗ୍ରହଣ କରିଛି ଟେବାକୁ। ମହାଜନର କରଜ ଶୁଝିବାକୁ ଧୁବୁଲେ, ଟେବା, ତାର ଝିଅ ମଉନୀ ଏବଂ ଶିବା ସହ ଗାଁ ର ଅନେକ ପରିବାର ପ୍ରଥମେ ବସ ସାହାର୍ଯ୍ୟରେ କେସିଙ୍ଗା ରେଳ ଷ୍ଟେସନ ଏବଂ ସେଠାରୁ ଟ୍ରେନରେ ଆନ୍ଧ୍ରା ଅଭିମୁଖେ ଯାତ୍ରା କରିଥିଲେ। ସେଠାରୁ ପଟାନଚେରୁଠାରୁ ପଚିଶଟା ପରିବାର ଇଟାଭାଟିରେ କାମ କରୁଥିଲେ। ରହିବା ପାଇଁ ଖଣ୍ଡେ ପଲା, ଖାଇବା ପାଇଁ ଚାଉଳ, ବାଇଗଣ ବ୍ୟତୀତ ଆଉ କିଛି ନ ଥିଲା। ଟେବା ଗର୍ଭବତୀ ଥିଲେ ମଧ୍ୟ ଇଟା କାମରେ ସ୍ୱାମୀକୁ ସାହାଯ୍ୟ କରିଛି। ଇଟାଭାଟିରେ କାମ ତଦାରଖ କରୁଥିବା ମୁନସୀର ଦୈହିକ କାମନାର ବାରମ୍ବାର ଶିକାର ହୁଏ ଟେବା। ମାତ୍ର ପ୍ରତିବାଦର ସ୍ୱର ତାର ନ ଥିଲା, ନା ଥିଲା ଧୁବୁଲେର। କେବଳ ଟେବା ନୁହେଁ ଏମିତି ଅନେକ ଲୋକ ଇଟା ଗଢ଼ିବାକୁ ଆସି ହରାନ୍ତି ନିଜ ଜୀବନ, ନିଜ ଯୌବନ, ନିଜ ସ୍ୱପ୍ନକୁ। ଧନୀରାମ ଜ୍ୱରରେ ଥିଲେ ମଧ୍ୟ ଡାକ୍ତର ଦ୍ୱାରା କଷ୍ଟ ନିୟନ୍ତ୍ରକ ବଟିକା ଖାଇ ପୁଣି କାମ କରି ମୃତ୍ୟୁର ଶିକାର ହୋଇଛି। ସେହିପରି ସୁଶୀଳା ସେଠ୍ ଘରେ ଆସି କାମ କରୁଥିଲା ମାତ୍ର ସେ ବି ସେଠ୍ ଦ୍ୱାରା ବଳାତ୍କାରର ଶିକାର ହୁଏ। ସେଠ୍ ର ପତ୍ନୀ କାଳେ ଏକଥା ଜାଣିବ ବୋଲି ସୁଶୀଳାକୁ ମାରି ସୁତ ବେମାରୀର ନାଁ ଦେଇ ଦିଆଯାଏ। ଟେବାର ଝିଅ ମଉନୀ ମଧ୍ୟ ଇଟାଭାଟିର ଜଗୁଆଳୀ ପିଲା ସହ ପଳେଇଲା। ଏପଟେ ଧୁବୁଲେ ଘରକୁ ଆସି ମହାଜନକୁ ମାରିବାକୁ ଉଦ୍ୟମ ଅଭିଯୋଗରେ ଜେଲ୍ ଯାଏ। ଟେବା ଯାଇ ଘରେ ଚାକର ରହିଛି। ଶେଷରେ ଟେବା ତାର ସଦ୍ୟଜନ୍ମିତ ପିଲା ସହ ଘରକୁ ଫେରିଛି ଏବଂ ଗାଁ ରେ ଆସି ନିଜ ସ୍ୱାମୀକୁ ମୁକୁଳେଇବା ପାଇଁ ଦଶହଜାର ଯୋଗାଡ଼ କରି ଓକିଲ ପାଖକୁ ଯାଇଛି। ମାତ୍ର ତାର ସବୁ ଉଦ୍ୟମ ବିଫଳ ହୋଇଛି। ଶେଷରେ ସେ ପାଗିଳି ସାଜିଛି।

ନିଜ ସ୍ୱପ୍ନ, ନିଜ ଗାଁ, ଜଙ୍ଗଲ, ଜମିକୁ ଜଳାଞ୍ଜଳି ଦେଇ ଦଲାଲମାନଙ୍କ କଥାରେ ବିଶ୍ୱାସ କରି ବାହାରକୁ ଯାଇଥିବା ଦାଦନ ଶ୍ରମିକମାନଙ୍କ ଜୀବନ କେତେ କଷ୍ଟ ତାହା ଏହି ଉପନ୍ୟାସରେ ଦେଖିବାକୁ ମିଳେ। ଭିଟାମାଟିରୁ ଇଟାମାଟିର ଯାତ୍ରା ଯେ କେତେ ଯନ୍ତ୍ରଣାଦାୟକ ତାହା 'ଟେବା' ଜୀବନ ମାଧ୍ୟମରେ ଔପନ୍ୟାସିକା ଦର୍ଶାଇଛନ୍ତି। ଜଣେ ଅନ୍ତଃସତ୍ତ୍ୱା ନାରୀ ପ୍ରତି ସେଠ୍ ଓ ମୁନସୀର ଅତ୍ୟାଚାର, ତାର ଶରୀରକୁ ଉପଭୋଗ କରିସାରିବା ପରେ ନଷ୍ଟଚରିତ୍ରା କହି ତଡ଼ିଦେବା ଦାଦନ ଖଟିଯାଉଥିବା ନାରୀମାନଙ୍କ ସଂଘର୍ଷର ଚିତ୍ରକୁ ବାଖ୍ୟା କରେ। ଟେବା, ମଉନୀ, ସୁଶୀଳା ପରି ଏମିତି ଅନେକ ନାରୀ ଅର୍ଥ ଉପାର୍ଜନ କରିବା ପାଇଁ ରାଜ୍ୟ ବାହାରକୁ ଯାଆନ୍ତି ସତ, ମାତ୍ର ଫେରନ୍ତି ନିଜ ଇଜ୍ଜତକୁ ହରାଇ। କିଛି ମଧ୍ୟ ଫେରିପାରନ୍ତି ନାହିଁ ସେଠାରେ ଶବ ହେଇ ଇଟାଭାଟିର ଧୂଆଁରେ ମିଶିଯାଆନ୍ତି।

**ଜାଲ (୨୦୧୪):**

ବିସ୍ଥାପିତ ଲୋକମାନଙ୍କର ଦାଦନଗତ ସମସ୍ୟାକୁ କେନ୍ଦ୍ର କରି ସ୍ୱପ୍ନା ମିଶ୍ରଙ୍କ 'ଜାଲ' ଉପନ୍ୟାସଟି ରଚିତ। ଏହା ୨୦୧୪ ମସିହାରେ ଶ୍ରଦ୍ଧା ପବ୍ଲିକେଶନ୍ ଦ୍ୱାରା ପ୍ରକାଶ ଲାଭ କରିଥିଲା। କଳାହାଣ୍ଡି ଜିଲ୍ଲାରେ ବସବାସ କରୁଥିବା ଆଦିବାସୀମାନଙ୍କର ଦୁଃଖ, ଦୈନ୍ୟକୁ ଏଥିରେ ଦର୍ଶାଯାଇଛି। ସରକାରଙ୍କ ଇନ୍ଦ୍ରାବତୀ ନଦୀବନ୍ଧ ପ୍ରକଳ୍ପ ଯୋଗୁଁ ହଜାର ହଜାର ଲୋକ ବିସ୍ଥାପିତ ହୋଇଛନ୍ତି। ପ୍ରତିବଦଳରେ ସେମାନଙ୍କୁ ଟଙ୍କା, ଜମି,ଘର ଆଦି ଦେବାକୁ ପ୍ରତିଶ୍ରୁତି ଦେଇ ସରକାର ଠକିଦେଇଛି। ନିରୀହ ଆଦିବାସୀମାନଙ୍କ ପାଖରେ ବିରୋଧ କରିବାର ଶକ୍ତି ନାହିଁ, ପ୍ରତିବାଦର ସ୍ୱର ତାଙ୍କୁ ଜଣାନାହିଁ। ଶେଷରେ ଗାଁ ଛାଡ଼ି ଯାଇ ବାହାରେ ଇଟାଭାଟିରେ କାମ କରିଛନ୍ତି। ସରକାରଙ୍କ କୌଣସି ସୁବିଧାର ଭାଗୀଦାର ସେମାନେ ହୋଇପାରିନାହାନ୍ତି। 'ତେଲିଆ ମୁଣ୍ଡରେ ତେଲ' ନୀତିରେ ସରକାରଙ୍କ ଦ୍ୱାରା କେବଳ ଦୁଃଖ ପାଉଥିବା ଆଦିବାସୀମାନେ ସରକାରୀ ବାବୁମାନଙ୍କ ପାଇଁ ଚାକର ପରି କାମ କରିଛନ୍ତି। କେବଳ କାମ ନୁହେଁ ସମୟେ ସମୟେ ସେମାନଙ୍କ ଲୋଲୁପ ଦୃଷ୍ଟିର ଶିକାର ମଧ୍ୟ ସାଜିଛନ୍ତି।

ସୁବନି ବାହାରିଆ ଏବଂ ଚନ୍ଦର କୁ ନେଇ ଉପନ୍ୟାସଟି ଗତିଶୀଳ ହୋଇଛି। ଅନ୍ଧବିଶ୍ୱାସର ଶିକାରରେ ସୁବନି ମା ର ମୃତ୍ୟୁ ପରେ ଚନ୍ଦର ସହ ବିବାହ,ଝିଅ କାଞ୍ଚନକୁ ନେଇ ଗାଁ ରେ ରହନ୍ତି ଏମାନେ।ଖୁସିରେ ଜୀବନ କାଟୁଥିବା ପରିବାରଟି ବିସ୍ଥାପିତ ହେବା ଫଳରେ କିପରି ତାଙ୍କର ଜୀବନ ଦୁର୍ବିସହ ପାଲଟିଯାଇଛି ତାହା ଏ ଉପନ୍ୟାସରେ ଦେଖିବାକୁ ମିଳେ। କେବଳ ସୁବନିର ପରିବାର ନୁହେଁ ସରକାରଙ୍କ ନିର୍ଦ୍ଦେଶରେ ସବୁ ପରିବାର ଗାଁ ଛାଡ଼ି ବାହାରକୁ ଯାଇଛନ୍ତି। ଔପନ୍ୟାସିକା ଅତି ଚମତ୍କାର ଶୈଳୀରେ ସେମାନଙ୍କ ଅଭାବୀ ଜୀବନକୁ ଦର୍ଶାଇଛନ୍ତି – "ତେଲୁଣୀ ପୋକ ପରି ମଳା ମଳା ଲୋକ ଅଫିସ୍ ବାରଣ୍ଡାରେ। ସବୁରି ଗୋଟିଏ ରୂପ ଗୋଟିଏ ଭେକ। ସବୁରି ସମାନ ଦୁଃଖ, ସମାନ ଜୀବନ। କାହାକୁ କାହାର ଦୁଃଖ କହିବା ଲୋଡ଼ା ନାହିଁ,ଆପେ ବୁଝିହେଇଯାଏ ସେସବୁ ଗାଡୁଆ ଆଖିରୁ, ଠାକରା ଗାଲରୁ। ହାଡୁଆ ଦିହ,


© 2026 ମାନସ କୁମାର ନାୟକ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଖାକରା ପେଟରୁ, ଫଟା ଗୋଇଠିରୁ, ଗୋଇଠି ଉପରୁ ଆଣ୍ଠୁ ଯାଏ ଉଠିଆସିଥିବା ସଭ୍ୟତାର ଧୂଳିରୁ।"

(ପୃଷ୍ଠା -୩୩)

ଗାଁ ରୁ ବିତାଡ଼ିତ ହୋଇ ସମସ୍ତେ ବାହାରେ ନିଜ ନିଜ ପେଟ ଚାଖଣ୍ଡକ ପାଇଁ ଦାଦନ ଖଟନ୍ତି। ସେଠାରେ ସୁବନିର ଝିଅ କାଞ୍ଚନ ଶିକାର ହୁଏ ଗଙ୍ଗାଧରର ଦୈହିକ ଲାଳସାର। ଥରେ ନୁହେଁ ବାର ବାର ସେ ଉପଭୋଗ କରେ କାଞ୍ଚନର ଦେହକୁ। ଶେଷରେ ଗଙ୍ଗାଧର କାଞ୍ଚନକୁ ଟେକିଦେଇଛି ଅନେକ ବାବୁଙ୍କ ହାତକୁ। ସେମାନେ ସବୁ ଶାଗୁଣା ପରି ଖିନଭିନ୍ କରି ଖାଇଛନ୍ତି କାଞ୍ଚନର ଲହୁମିଶା ଶରୀରକୁ। ଏ କଷ୍ଟ ସହିନପାରି କାଞ୍ଚନର ମୃତ୍ୟୁ ଘଟେ। ଏପରି ଅନେକ ଯୁବତୀଙ୍କ ଶରୀରର ସୌନ୍ଦର୍ଯ୍ୟ ସେମାନଙ୍କ ମୃତ୍ୟୁର କାରଣ ସାଜେ, ଠିକ୍ 'ଦାଦନ ସୁନ୍ଦରୀ' ର 'ତିର' ପରି। ଭିତରଡୁଙ୍ଗାରୁ ତେନ୍ତୁଳିପଦର। ତେନ୍ତୁଳିପଦରରୁ ଜୁନାଗଡ଼ର ଭଇଁରିଗୁଡ଼ା। ଏମିତି ଅନେକ ଜାଗା ବୁଲିବୁଲି ଏମାନେ ବାଣ୍ଟନ୍ତି ନିଜର ଦୁଃଖ, ହରାନ୍ତି ନିଜ ଯୌବନ,ନିଜ ସ୍ୱାଧୀନତା। ସୁବନିର ପୁଅ ମଦନା ଓ ବୋହୂ ସୁପିର ବାର ବର୍ଷର ଝିଅ ହୀରା ନିଖୋଜ ହେବା ପରେ ସୁପି ପୋଲିସ ଷ୍ଟେସନ ଯାଇଛି ଅଭିଯୋଗ କରିବା ପାଇଁ। କିନ୍ତୁ ସେଠାରେ ପୋଲିସ ବାବୁର କାମୁକ ମନୋଭାବ ଜାଣି ଫେରିଆସିଛି। ହୀରା କିନ୍ତୁ ନିଜ ପ୍ରେମିକ ସହ ରାଏପୁର ଯାଏ, ସେଠାରେ ପ୍ରେମିକ ତାକୁ ବିକିଦିଏ ବେଶ୍ୟାପଡ଼ାରେ। କେବଳ ହୀରା ନୁହେଁ ମଇନା, ସୁଶୀଳା ଏମାନେ ମଧ୍ୟ ନିଜ ଗେରସ୍ତ ଦ୍ୱାରା ପ୍ରତାରିତ ହୋଇ, ପ୍ରେମରେ ଅନ୍ଧ ହୋଇ, ବିଶ୍ୱାସଘାତକତାର ଶିକାର ହୋଇ ବେଶ୍ୟା ସାଜିଛନ୍ତି। ମଇନା ହୀରାକୁ ବୁଝାଇଛି ଯେ ପେଟର ଭୋକ ପାଇଁ ଏ ଦେହକୁ ବିକିବାକୁ ପଡ଼ିବ, ଯାହା ଶରୀରର ସାଜସଜ୍ଜା ଯେତେ, ତା ପକହାରଗ୍ରାହକ ସେତେ। ମଇନା କହିଛି – "ଦେଖୁଛୁଟି ଏଇ ଦୋକାନମାନଙ୍କୁ। ଯୋଉ ଦୋକାନରେ ଯେତେ ନାଲି ନେଳି ଆଲୁଅ, ଯେତେ ଝିକିମିକି ଦରବ ସେ ଦୋକାନରେ ସେତେ ଗହଳି। ଆମର ଦିହଟା ସେମିତି ବଜାରର ଦୋକାନ ଗୋଟେ ଗୋଟେ। ତାକୁ ଯେତେ ସଜେଇ ସାଜେଇ ରଖିବ ଲୋକଙ୍କ ଆଖିକୁ ଲୋଭେଇବ,ସେତେ ରୋଜଗାର। ସେଥିଲାଗି ଏ ଜିନିଷଗୁଡ଼ା ଲୋଡ଼ା ନା ନାଇଁ କହିଲୁ। ନ ହେଲେ ପେଟର ଭୋକକୁ ବାସି ତୋରାଣିରେ ଭୁଲେଇ ଦେଇ ଏ ଦରବଗୁଡ଼ାକରେ ପଇସା ଲଗାନ୍ତେ କାହିଁକି ? ସେଇ ବାସି ଭାତମୁଠାକ ବି ମିଳିବନି ନ ହେଲେ। (ପୃଷ୍ଠା -୮୯)

ଏହି ଉପନ୍ୟାସରେ ବିସ୍ଥାପିତ ଲୋକମାନଙ୍କର ଦୁଃଖ ଦୁର୍ଦ୍ଦଶା ସହିତ ସରକାର ଏବଂ ପ୍ରଶାସନର ଅତ୍ୟାଚାର, ପୋଲିସର ଅମାନୁଷିକତା ଆଦି ଦେଖିବାକୁ ମିଳେ। ଇନ୍ଦ୍ରାବତୀ ନଦୀ ପ୍ରକଳ୍ପ ହେବା ଫଳରେ ଲୋକମାନେ ନିଜର ଭିଟାମାଟି, ନିଜର ଚାଷଜମି, ଘରଦ୍ୱାର ଛାଡ଼ି ବାହାରେ ଜୀବନ ଅତିବାହିତ କରିବା ଯେ କେତେ କଷ୍ଟ ତାହା ଔପନ୍ୟାସିକା ଦର୍ଶାଇଛନ୍ତି। ଇନ୍ଦ୍ରାବତୀ ନଦୀବନ୍ଧ ହୋଇଛି ସୁବନି ପରି ଅନେକଙ୍କ ଦାଦିପୁରୁଷାଙ୍କ ସମାଧି ଉପରେ,ସେମାନଙ୍କ ଦେବତା, ଚାଷଜମି, ଡଙ୍ଗର ଉପରେ। କିନ୍ତୁ ସେମାନେ କିଛି ପାଇଲେ କଣ ? ଦୁଃଖ, ବେଦନା, ଅତ୍ୟାଚାର ଓ ମୃତ୍ୟୁ। ଏହି କଳାହାଣ୍ଡି ଜିଲ୍ଲାର ମୁଖିଗୁଡ଼ା ଅଞ୍ଚଳର ଆଦିବାସୀମାନଙ୍କର କରୁଣ ବେଦନାଶ୍ରିକ୍ତ କାହାଣୀ ହେଉଛି ଏ ଉପନ୍ୟାସ।

**ଦାଦନ ରାଜ୍ୟ (୨୦୧୭):**

ଔପନ୍ୟାସିକ ହିମାଂଶୁ କୁମାର ହୋତାଙ୍କ 'ଦାଦନ ରାଜ୍ୟ' ଉପନ୍ୟାସରେ ଦାଦନ ଶ୍ରମିକମାନଙ୍କ ଦୁଃଖ,କଷ୍ଟ ସହିତ ପୋଲିସ୍ ଓ ପ୍ରଶାସନର ଅବ୍ୟବସ୍ଥା ଏବଂ ନେତାମାନଙ୍କର ମିଥ୍ୟା ପ୍ରତିଶ୍ରୁତି ଆଦିର ଚିତ୍ର ଦେଖିବାକୁ ମିଳେ। ଦାଦନ ସମସ୍ୟାର ବାସ୍ତବ ସତ୍ୟକୁ ଉଦଘାଟନ କରେ ଏ ଉପନ୍ୟାସ। ଗୋଟି ଶ୍ରମିକ ଏବଂ ଦାଦନ ଶ୍ରମିକ ମଧ୍ୟରେ ପ୍ରଭେଦ ରହିଛି। ବାଧ୍ୟାବାଧକତା ହୋଇ ଯେଉଁ ଶ୍ରମିକ କାମ କରେ ଓ ଉପଯୁକ୍ତ ମଜୁରୀ ପାଏ ନାହିଁ ସେ ହେଉଛି ଗୋଟି ଶ୍ରମିକ ବା ବଣ୍ଡେଲ ଲେବର। ସେ କାମ ଛାଡ଼ି ଆସିପାରେନି। ମାତ୍ର ଦାଦନ ଶ୍ରମିକ ନିଜ ଇଛାରେ କାମ କରି ଯାଏ। ହଜାର ହଜାର ଶ୍ରମିକ ବିନା ପଞ୍ଜିକରଣରେ ଖେପି ଯାଇଥାନ୍ତି ଆନ୍ଧ୍ର ଓ ତାମିଲନାଡୁର ବିସ୍ତୃତ ଅଞ୍ଚଳକୁ। ସେମାନଙ୍କର ହିସାବ ଥାଏନି ପ୍ରଶାସନ ପାଖରେ। ଚିଲିକାକୁ ସାଇବେରିଆ ଅଞ୍ଚଳରୁ ଦଳ ଦଳ ହୋଇ ପକ୍ଷୀ ଆସିବା ଓ ଫେରିବା ପରି ଏମାନଙ୍କର ଯାତାୟତ ଓ ଜୀବନଚର୍ଯ୍ୟା। କିଛି ପକ୍ଷୀ ବେଆଇନ ଭାବେ ବାଣୁଆମାନଙ୍କ ଦ୍ୱାରା ଶିକାର ହେବା ପରି ଲେବରମାନେ ବି ମରି ହଜିଯାଆନ୍ତି।ସେମାନଙ୍କର ହିସାବ କାହା ପାଖରେ ନ ଥାଏ। କିଏ ଇଟା ମାଲିକର ମାଡ଼ରେ, କିଏ ରୋଗରେ ପଡ଼ି ତ କିଏ ଅନାହାରରେ ସେଠାରେ ମୃତ୍ୟୁବରଣ କରନ୍ତି।

ଉପନ୍ୟାସର ନାୟକ ମୁନା ଏମ୍ ପାସ୍ କରି ମଧ୍ୟ କୌଣସି ଚାକିରୀ ନ କରି ଅନ୍ୟ ରାଜ୍ୟକୁ ଶ୍ରମିକ ଚାଲାଣ କରେ।ଏକ ଦୁର୍ଘଟଣାରେ ନିଜ ବାପା ଓ ମା ଙ୍କୁ ହରାଇଥିବା ଲିଜୁ ନିଜ ଜୀବନ ହାରିବାକୁ ଚେଷ୍ଟା କରୁଥିବା ବେଳେ ଟ୍ରେନ ଧାରଣା ଉପରୁ ଲିଜୁକୁ ଉଦ୍ଧାର କରି ଆଣି ଗାଁ ରେ ନିଜର ସାଙ୍ଗ ପରିଚୟ ଦେଇଥିବା ଲିଜୁ ସହ ଗାଁ ଗାଁ ବୁଲି ଦାଦନ ଶ୍ରମିକମାନଙ୍କର ସମସ୍ୟାକୁ ସାମ୍ନାକୁ ଆଣିବାର ପ୍ରଚେଷ୍ଟା କରିଛନ୍ତି। ଦାଦନ ଦଲାରି ବା ଲେବର ସର୍ଦ୍ଦାର ମାନଙ୍କ ବିରୁଦ୍ଧରେ ସେ ଦୁହେଁ ସଂଗ୍ରାମ ଚଳାନ୍ତି। ଯେଉଁ ଲୋକମାନେ ହାଇଦ୍ରାବାଦ, କଟକ, ଭୁବନେଶ୍ୱର, ଚେନ୍ନାଇ ଆଦି ବାହାର ରାଜ୍ୟକୁ ଯାଆନ୍ତି ଇଟା ଗଢ଼ିବା ପାଇଁ, ସୂତା କାଟିବା ପାଇଁ, ସେମାନେ ଦେଶାନ୍ତର ହୋଇ ଲୁହ ଲହୁ ଏକାଠି କରି ରହନ୍ତି ଝାଟିମାଟି କୁଡ଼ିଆରେ।ଆଉ ଯେଉଁମାନେ ଘରେ ବସି ଲେବର ଦଲାଲି କରନ୍ତି ସେମାନେ ରହନ୍ତି ଉଚ୍ଚପ୍ରାସାଦରେ। ଶ୍ରମ ହିଁ ଦାଦନମାନଙ୍କ ମୁଖ୍ୟ ଜୀବିକା ମାତ୍ର ଯଦି କାମ ନ ମିଳେ? ଖାଇବେ କଣ? ପିନ୍ଧିବେ କଣ? ବାଧ୍ୟ ହୋଇ ସେମାନେ ନିଜ ପିଲାଙ୍କୁ ଧରି କାମ ଅନ୍ୱେଷଣରେ ବାହାରିଯାଆନ୍ତି ଅନ୍ୟ ରାଜ୍ୟକୁ। ଅନ୍ୟ ରାଜ୍ୟକୁ ଯିବା ଆସିବା, କାମ କରିବା ଆଦି ଭିତରେ ସୃଷ୍ଟି ହୋଇଥାଏ ଅନେକ ନିର୍ଯାତନାର କାହାଣୀ। ଦାଦନ ଯିବାକୁ ରୋକିବାକୁ ନାକେଦମ୍ ହୋଇଯାଏ ପୋଲିସ ଓ ପ୍ରଶାସନ।

ମୁନା ଓ ଲିଜୁ ମିଶି ଗବେଷଣା କରିଛନ୍ତି ଦାଦନ ଶ୍ରମିକମାନଙ୍କ ଉପରେ। ଖୋଜିଛନ୍ତି ଗାଁ ଗାଁ ବୁଲି ଦାଦନ ମାନଙ୍କୁ, ବୁଝିଛନ୍ତି ସେମାନଙ୍କ ସମସ୍ୟା, ଶୁଣିଛନ୍ତି ତାଙ୍କର ଛତିଥରା କାହାଣୀ। ଉଦ୍ଧୁଲି ଯିଏ କି ସ୍ୱାମୀ ମଲା ପରେ ଦୁଇଟି ପୁଅକୁ ବଞ୍ଚାଇ ପାରିବନି ବୋଲି ଗୋଟିଏ ପୁଅକୁ ତାର ସମ୍ପର୍କୀୟକୁ ଦେଇଦେଇଛି। କିନ୍ତୁ ମିଡ଼ିଆବାଲାଙ୍କ ପ୍ରରୋଚନାରେ ବାଧ୍ୟ ହୋଇ ସେ ଦାରିଦ୍ର୍ୟତାରୁ ନିଜ ପିଲାକୁ ବିକ୍ରି କରିଛି ବୋଲି ସ୍ୱୀକାର କରିଛି। ଏଥିରେ ମଧ୍ୟ ତାର ଆଶା ସରକାରଙ୍କଠୁ କିଛିଟା ଟଙ୍କା ପାଇବ। ନିମାଇ ଲେବର ଦଲାଲମାନଙ୍କ ଲେବର ଚାଲାଣ ସମ୍ପର୍କରେ ପୁଲିସକୁ ଜଣାଇଦେବ ବୋଲି କହିବାରୁ ସେ ହତ୍ୟାର ଶିକାର ହୋଇଛି। କଳାହାଣ୍ଡି ଜିଲ୍ଲାରେ ପ୍ରଚାରିତ ଅନାହାର ପିଲାବିକ୍ରିର ମିଥ୍ୟା ପ୍ରଚାର ମଧ୍ୟ ସାମ୍ନାକୁ ଆସେ। ମୁରଲୀ ବରିହା ଏବଂ ତାର ପରିବାର ମ୍ୟାଲେରିଆ ରୋଗରେ ମରିଥିଲେ ମଧ୍ୟ ପ୍ରଶାସନ ଦ୍ୱାରା ଅନାହାର ମୃତ୍ୟୁର ଘୋଷଣା ହୋଇଛି। ସେହିପରି କଦଳୀଝର ଗାଁ ର ଏକ ନାବାଳକ ତାର ସାଙ୍ଗମାନଙ୍କ ସହ ଖେଳୁଥିବା ସମୟରେ ପଡ଼ି ହାତ ଭାଙ୍ଗିଯାଇଥିଲା। କିନ୍ତୁ ସମ୍ପାଦକ, ପତ୍ରିକା, ପେପର ବାଲା ଛାପନ୍ତି ଇଟାମାଲିକର ଲୁହାଛଡ଼ ମାଡ଼ରେ ନାବାଳକର ଡାହାଣ ହାତ ଭାଙ୍ଗିଯାଇଛି। ଦାରିଦ୍ର୍ୟ ପାଇଁ ଧୁବନୀ ନିଜ ସ୍ୱାମୀ ଯୁଗଳ ଓ ଛୋଟ ପୁଅକୁ ମଧ୍ୟ ଛାଡ଼ି ଚାଲିଯାଇଛି। ଏହି ସବୁ ଉପରେ ଗବେଷଣା କରି ଲିଜୁ ତାର ଗବଷଣାର ନିର୍ଯ୍ୟାସ ଲେଖେ ଯେ ଦାଦନ ଯିବାର ମୁଖ୍ୟ କାରଣ ହେଉଛି ଦାରିଦ୍ର୍ୟ। ଏହି ଅଞ୍ଚଳର ଲୋକେ ଇଟା ଗଢ଼ିବାରେ ପାରଙ୍ଗମ ଥିବାରୁ ଅଧିକ ଲୋକ ଇଟାଭାଟିରେ କାମ କରିବାକୁ ଯାଆନ୍ତି। ପୁଲିସ, ସର୍ଦ୍ଦାର ଆଦି ବ୍ୟକ୍ତିମାନେ ଦାଦନ ବ୍ୟବସାୟ କରି ମାଳମାଲ ହୁଅନ୍ତି। ସରକାରଙ୍କୁ ଏଥିପ୍ରତି ସଜାଗ ହେବାକୁ ଲିଜୁ କହିଛି। ଧିରେ ଧିରେ NGO ବନ୍ଦ ହୋଇଯିବାରୁ ମୁନା ପୂର୍ବପରି


© 2026 ମାନସ କୁମାର ନାୟକ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଶ୍ରମିକ ଚାଲାଣ କରିଛି। ଟଙ୍କା ଅଗ୍ରୀମ ଆଣି ଶ୍ରମିକ ନ ପଠାଇପାରିଥିବାରୁ ମାଲିକ ତାକୁ ହତ୍ୟା କରିଛି।

ଏ ଉପନ୍ୟାସ କହେ ଦାଦନ ଶ୍ରମିକମାନଙ୍କ ନିର୍ଯାତନାର କାହାଣୀ। ଘରେ ବୃଦ୍ଧା ବାପା, ମା ମରି ପଡ଼ିଥିବା ସମୟରେ ମଧ ପୁଅଟି ଆସିପାରୁନି ଶବ ସତ୍କାର କରିବାକୁ, ଏହା ଇଟା ମାଲିକମାନଙ୍କ ନିଷ୍ଠୁରତାର ପରିଚୟ ଦିଏ। କେବଳ ସେତିକି ନୁହେଁ ପୋଲିସ, ପ୍ରଶାସନ, ମିଡ଼ିଆ, ସମ୍ବାଦ ଆଦି ମିଥ୍ୟା ପ୍ରଚାରକୁ ଏ ଉପନ୍ୟାସ ସାମ୍ନାକୁ ଆଣେ। କିପରି ଜଣେ ମା ନିଜ ପିଲାକୁ ତାର ଭାଇକୁ ଦେବାକୁ ଏମାନେ ସଜେଇଦିଅନ୍ତି ପିଲାବିକ୍ରି, ଗୋଟିଏ ନାବାଳକର ଆସଂଜମତା ହେତୁ ପଡ଼ି ହାତ ଭାଙ୍ଗିଯିବାକୁ ସଜେଇଦିଅନ୍ତି ମାଲିକର ମାଡ଼, ମ୍ୟାଲେରିଆରେ ମରିଥିବା ଗୋଟିଏ ପରିବାରକୁ ଦର୍ଶାଇଦିଅନ୍ତି ଅନାହାରରେ ମୃତ୍ୟୁ। ଏହାର କାରଣ କେବଳ ପବ୍ଲିଶିଟି ଏବଂ ସରକାରଙ୍କ ଦୃଷ୍ଟି ଆକର୍ଷଣ। ଯେତେ ଦିନ ପର୍ଯ୍ୟନ୍ତ ଅଭାବ ଅଛି, ଦାରିଦ୍ର୍ୟ ଅଛି ସେତେ ଦିନ ପର୍ଯ୍ୟନ୍ତ ଦାଦନ ଅଛି ଏବଂ ଏହି ଦାଦନର ଦାଉରେ ଜଳିବା ପାଇଁ ମଣିଷ ମଧ ଅଛି। ମୁନା ଭଳି ଦାଦନ ଦଲାଲୀ ମାନଙ୍କ ଅନ୍ତିମ ପରିଣତି ଯେ ମୃତ୍ୟୁ ତାହା ଔପନ୍ୟାସିକ ଜଣାଇଦିଅନ୍ତି।

**ଦାଦନ(୨୦୧୭):**
ସାମ୍ପ୍ରତିକ ସମୟର ଜଣେ ନାରିବାଦୀ ଔପନ୍ୟାସିକା ହେଉଛନ୍ତି ସରୋଜିନୀ ସାହୁ। ସମାଜର ବିବିଧ ସମସ୍ୟା ଓ ତାର ବାସ୍ତବ ଚିତ୍ର ତାଙ୍କ ଉପନ୍ୟାସରେ ଦେଖିବାକୁ ମିଳେ। ଆଧୁନିକ ସମାଜରେ ଉଚ୍ଚଶିକ୍ଷିତ ଯୁବପିଢ଼ିମାନଙ୍କର ଅନ୍ୟ ରାଜ୍ୟକୁ ଯାଇ ଦାଦନ ଖଟିବା ହିଁ ଏହି 'ଦାଦନ' ଉପନ୍ୟାସର ମୂଳଭିତ୍ତି। ଏହା ୨୦୧୭ ମସିହାରେ ପ୍ରକାଶ ଲାଭ ଔପନ୍ୟାସିକାଙ୍କୁ ଏକ ଭିନ୍ନ ପରିଚୟ ଦେଇଥିଲା। କେବଳ ଦାଦନ ନୁହେଁ, ଗୋତି ଖଟିବାର ଚିତ୍ର ମଧ ଏଥିରେ ଦେଖିବାକୁ ମିଳେ ; ଅର୍ଥାତ୍ ବିନା ପାରିଶ୍ରମିକରେ ବିନା ଛୁଟିରେ କାମ କରିବା। ଓଡ଼ିଶାର ଯୁବଗୋଷ୍ଠୀ ଶିକ୍ଷିତ ହୋଇ ନିଜ ରାଜ୍ୟରେ କାମ ନ ପାଇ ଜୀବିକା ନିର୍ବାହ ପାଇଁ ବାଙ୍ଗାଲୋର ଯିବା ଏବଂ ସେଠାରେ ସେମାନଙ୍କ ଯନ୍ତ୍ରଣା ଓ ସଂଘର୍ଷ ହିଁ ଏହାର ମୁଖ୍ୟ ପ୍ରସଙ୍ଗ। ଏହା ବ୍ୟତୀତ ନିଯୁକ୍ତି ସୁଯୋଗ ଏବଂ ଶିକ୍ଷିତ ବେକାରୀ ସମସ୍ୟାର ଚିତ୍ର ମଧ ଏଥିରେ ପ୍ରତିଫଳିତ। ପ୍ରବାସୀ ଓଡ଼ିଆମାନେ କିପରି ଅର୍ଥ ରୋଜଗାର ପାଇଁ ଲକ୍ଷ ଲକ୍ଷ ସଂଖ୍ୟାରେ ଓଡ଼ିଶା ବାହାରକୁ ଯାଉଛନ୍ତି,ନିଜ ମାତୃଭୂମି ପ୍ରତି ଅହେତୁକ ଭଲପାଇବାକୁ ଛାଡ଼ି ବାପା ମା ଙ୍କ ଚାପରେ ଯୁବକମାନଙ୍କ ଦାଦନ ଯିବା ଆଦି ଘଟଣା ଏହି ଉପନ୍ୟାସରେ ସ୍ପଷ୍ଟ ପ୍ରତିଫଳିତ।

ମୋନାଲିସା, ଅଂଶୁ, ସିଦ୍ଧୁ,ସସ୍ମିତା, ଜ୍ୟୋତି ଆଦି ଚରିତ୍ରମାନଙ୍କ ମଧରେ ଆଧୁନିକ ଯୁବପିଢ଼ିମାନଙ୍କ ସଂଘର୍ଷର ଚିତ୍ର ଦେଖିବାକୁ ମିଳେ। ଲିସା ଚରିତ୍ର ମାଧମରେ ଏକ ନାରୀର ସ୍ୱାଭାବଲମ୍ବୀ ମନୋଭାବକୁ ଅନୁଭବ କରିହୁଏ। ଓଡ଼ିଶାରେ ଚାକିରୀ ନ ପାଇବାରୁ ସେ ବାପାଙ୍କ ଠାରୁ ଚାରିହଜାର ଟଙ୍କା ନେଇ ବାଙ୍ଗାଲୋର ଯାଇଛି। ଲିସାର ମା ଙ୍କ ମତରେ ପୁଅ କଣ ହୋଇଛୁ ଯେ ଏତେ ବାଟ ଯିବୁ ଚାକିରି ଅନ୍ୱେଷଣରେ ? ଲିସା କହିଛି – "କୋଉ ଜମାନାରେ ତୁମେ ଅଛ କହିଲ ? ଖାଲି ପୁଅ ପୋଷିବ ଝିଅ ନୁହେଁ। ଝିଅମାନେ ଆଉ ବାଙ୍ଗାଲୋରରେ ରହି ଚାକିରୀ କରୁନାହାନ୍ତି। ତା'ହେଲେ ମୋତେ ପଢ଼ଉଥିଲ କିଆଁ?"। ଲିସା ସହ ସସ୍ମିତା ଓ ରୁବି ତିନିଜଣ ବାଙ୍ଗାଲୋର ଯାଇ ସେଠାରେ ମେସରେ ରହିଛନ୍ତି। ପ୍ରଥମେ ସସ୍ମିତାର ଚାକିରୀ ପୁନେରେ ହୋଇଯିବାରୁ ସେ ଚାଲିଯାଇଛି, ତା ପରେ ରୁବିର ବିବାହ। ରୁମରେ ଏକା ଲିସା ରହି ରହି ବିରକ୍ତ ହେଉଛି। ଅତୀତର ପ୍ରେମିକ ଜ୍ୟୋତିକୁ ମନେପକାଉଛି। ଶେଷରେ ଲିସା ଯାଇ ଅଂଶୁ ପାଖରେ ରହିଛି। ଅଂଶୁ ସହ ଲିସାର ଟ୍ରେନରେ ଭେଟ ହୋଇଥିଲା, ସେ ବି ଓଡ଼ିଶାରୁ ଆସି ବାଙ୍ଗାଲୋରରେ ଚାକିରୀ କରି ରହିଛି। ଲିସାର ଅଜାଣତରେ ଉଭୟଙ୍କ ମଧରେ ପ୍ରେମ ଏବଂ ଦୈହିକ ସଂପର୍କ ଜାତ ହୋଇଛି। ଲିସା ଏବଂ ଜ୍ୟୋତିର ପ୍ରେମ ସମ୍ପର୍କ ବିଷୟରେ ଜାଣିବାରୁ ଉଭୟଙ୍କ ମଧରେ ଝଗଡ଼ା ହୋଇଛି। ଲିସା ମନସ୍ଥ କରିଛି ଚାକିରୀ ଛାଡ଼ି ଓଡ଼ିଶା ଚାଲିଯିବ। ସମିତା ପ୍ରଶ୍ନର ଉତ୍ତରରେ ସେ କହିଛି – "ଏ କାମ ଆଉ ପୋଷୋଉନି। ତମେ ଜାଣିନ, ଓଡ଼ିଶାରୁ ଦାଦନ ଖଟିବାକୁ ଗାଁ ରୁ ଗଣ୍ଡାରୁ ଯୁବକମାନେ ଖୋଟକଳ, ଆସାମ, ଚା ବଗିଚା ଏମିତିକି ରେଙ୍ଗୁନକୁ ଯାଉଥିଲେ। ଏବେ ସେମିତି ବାଙ୍ଗାଲୋର, ହାଇଦ୍ରାବାଦ, ବମ୍ବେ କି ପୁନେ। ସେଇ ଏକା ଗୋଟି। ସେଇ ଏକା କୁଇଜ ମନିର ଲାଳସା। ଅଣ୍ଟା ପିଠି ଲାଗିଯିବା ପରି କାମ। ରୋଜଗାର କରିବା ପାଇଁ ଦାନ୍ତ କାମୁଡ଼ି ପଡ଼ି ରହ।

ସିଦ୍ଧୁ, ଲିସା ଏବଂ ଅଂଶୁ ଏହି ତିନିଜଣ ହିଁ ଆଧୁନିକ ଯୁବପିଢ଼ିର ସ୍ୱର। କିଏ ଏମ୍. ସି. ଏ, କିଏ ଏମ୍. ବି. ଏ, ତ କିଏ ଇଞ୍ଜିନିୟରିଂ ପଢ଼ିସାରିବା ପରେ ଅଧିକ ଟଙ୍କା ରୋଜଗାର ପାଇଁ ଓଡ଼ିଶା ଛାଡ଼ି ବାଙ୍ଗାଲୋର ଯାଇଛନ୍ତି। ସେଠାରେ ଅନୁଭବ କରିଛନ୍ତି ଯେ ନିଜ ରାଜ୍ୟ ଛାଡ଼ି ବାହାରେ ସ୍ୱଳ୍ପ ବେତନରେ କାମ କରିବାର ଯନ୍ତ୍ରଣା। ଓଡ଼ିଶାର ଅନୁଦାନପ୍ରାପ୍ତ ବେସରକାରୀ କଲେଜରେ ରହିଥିବା ଅଧାପକ ଓ ଅଧାପିକାମାନଙ୍କର ବେତନ ସମସ୍ୟାକୁ ମଧ ଏଠାରେ ଦେଖିବାକୁ ମିଳେ। ଉପନ୍ୟାସର ଶେଷରେ ଅଂଶୁ କୁଆଡ଼େ ଚାଲିଯାଇଛି। ଲିସା ତାର ଭୁଲ୍ ବୁଝିପାରିଛି। ପ୍ରେମ ଏବଂ ସଂପର୍କଠାରୁ ଟଙ୍କାକୁ ଉର୍ଦ୍ଧରେ ମନେ କରୁଥିବା ଲିସା ଅଂଶୁକୁ ଖୋଜିବୁଲିଛି ଏତେ ବଡ଼ ସହରରେ।
'ଦାଦନ' ଉପନ୍ୟାସ ହେଉଛି ଶିକ୍ଷିତ ଯୁବଗୋଷ୍ଠୀମାନଙ୍କ ବେକାରୀ ସମସ୍ୟାର ଏକ ଯନ୍ତ୍ରଣାଶିକ୍ତ ସ୍ୱର। ପାଠ ପଢ଼ି ମଧ ଲିସା ଓ ସିଦ୍ଧୁ ପରି ଚାକିରୀ ନ ପାଇ ଏ କମ୍ପାନୀ ସେ କମ୍ପାନୀ ବୁଲୁଥିବା ଏହି ବେକାରୀମାନଙ୍କ ସମସ୍ୟାର ସଫଳ ରୂପାୟନ ହେଉଛି ଏ ଉପନ୍ୟାସ।'ନାହିଁ ମାମୁ ଠାରୁ କଣା ମାମୁ ଭଲ' ନ୍ୟାୟରେ କିଛି ନ କରି ଘରେ ବସିବା ଅପେକ୍ଷା ବାହାରକୁ ଯାଇ ସ୍ୱଳ୍ପ ବେତନରେ ଦାଦନ ଖଟିବାକୁ ଉପଯୁକ୍ତ ମନେକରନ୍ତି ଆଜିର ଯୁବପିଢ଼ି। ଟଙ୍କା ରୋଜଗାର ପାଇଁ ନିଜ ପରିବାର, ପ୍ରେମ, ଜନ୍ମମାଟି, ସ୍ୱପ୍ନ, ଯୌବନ ଆଦିକୁ ଜଳାଞ୍ଜଳି ଦେଇ ଅନ୍ୟ ରାଜ୍ୟରେ କାମ କରୁଥିବା ପ୍ରବାସୀମାନଙ୍କ ଯନ୍ତ୍ରଣାକ୍ଲିଷ୍ଟ କାହାଣୀ ହେଉଛି ଏ 'ଦାଦନ' ଉପନ୍ୟାସ।

**ଦେଶାନ୍ତର (୨୦୧୬):**
ସମକାଳର ଜଣେ ଲବଧ ପ୍ରତିଷ୍ଠିତ କଥାକାର ହେଉଛନ୍ତି ଆଦିତ୍ୟେଶ୍ୱର ମିଶ୍ର। ସମାଜର ବାସ୍ତବ ତଥ୍ୟ ଉଦଘାଟନ କରିବାରେ ତାଙ୍କର ସ୍ୱାତନ୍ତ୍ର୍ୟ ବାରିହୋଇପଡ଼େ। ଧନୁଯାତ୍ରା, ବିଷବୃକ୍ଷ, ଧାନ ଧାନ ଧାନ ଆଦି ଉପନ୍ୟାସ ଲେଖି ପାଠକ ମହଲରେ ଆଦୃତ ଲାଭ କରିଥିବା ଆଦିତ୍ୟେଶ୍ୱର ମିଶ୍ରଙ୍କ 'ଦେଶାନ୍ତର' ଉପନ୍ୟାସଟି ସାମ୍ନା ପତ୍ରିକା ୨୦୧୬ ମସିହାର ଉପନ୍ୟାସ ବିଶେଷାଙ୍କରେ ପ୍ରକାଶ ପାଇଥିଲା। ଉପନ୍ୟାସଟି ଦାଦନ ସମସ୍ୟାକୁ କେନ୍ଦ୍ର କରି ରଚିତ। ଦାଦନ ଶ୍ରମିକମାନଙ୍କ ଉପରେ ଶେଠ ଓ ସର୍ଦ୍ଦାରମାନଙ୍କ ଅତ୍ୟାଚାରକୁ ଏହି ଉପନ୍ୟାସରେ ଦେଖିବାକୁ ମିଳେ।
ଉପନ୍ୟାସଟି ଗଢ଼ିଉଠିଛି ବାରଣର ପରିବାରକୁ କେନ୍ଦ୍ର କରି। ବାରଣ ସ୍ତ୍ରୀ କିଶରୀ, ଦୁଇ ପୁଅ ବିକଳ ଓ ଛାଲ, ବାର ବର୍ଷର ଝିଅ ତରା ଏବଂ ବୁଢ଼ା ବାପା ଛଅ ଜଣଙ୍କୁ ନେଇ ତାର ପରିବାର। ସରକାରଙ୍କଠାରୁ ପାଇଥିବା ଦୁଇ ଟଙ୍କିଆ ଚାଉଳ କାର୍ଡ ତାର ବନ୍ଧା ପଡ଼ିଛି। ଘରେ ଛପର ନାହିଁ। ଜଳ ଅଭାବରୁ ଗାଁ ରେ ମରୁଡ଼ି ଦେଖାଦେଇଛି। ଶରତ ପାଖରୁ ବଇନା ବାବଦକୁ ନେଇଥିବା ତିରିଶ ହଜାର ଟଙ୍କା ଶୁଝିବାକୁ ନିଜ ସ୍ତ୍ରୀ ଓ ଦୁଇ ପୁଅ ସହ ଯାଇଛି ଦାଦନ ଖଟିବାକୁ ହାଇଦ୍ରାବାଦ। କେବଳ ସେ ନୁହେଁ ଏମିତି ଅନେକ ଲୋକ ବଇନା ଟଙ୍କା ଶୁଝିବାକୁ ଯାଇ ଶ୍ରମିକ ଦଲାଲର ଶିକାର ହୋଇଛନ୍ତି। ହାଇଦ୍ରାବାଦ ଯିବା ବାଟରେ ଖଲିପତର ଗାଁରେ ସମସ୍ତ ପଥୁରିଆ ରହିଥିବାବେଳେ କିଶରୀ ଦେଖିଛି ତା ପାଖ ଗାଁ ମଇଲମ ଟଙ୍କା ଶୁଝିନପାରିବାରୁ କିପରି ତାର ହାତ କାଟିଦେଇଛନ୍ତି। ଏ ଘଟଣା ଦେଖିବା ପରେ କିଶରୀ ତାର ପରିବାର ସହ ସେଠୁ ପଳାଇଛି। ମାତ୍ର ବାଟରେ ସର୍ଦ୍ଦାର ହାବୁଡ଼ରେ ପଡ଼ି ମାଡ଼ ଖାଇ ଲହୁଲୁହାଣ


© 2026 ମାନସ କୁମାର ନାୟକ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ହୋଇଛନ୍ତି। ବାରଣକୁ ପିଟି ହରିଶଙ୍କର ରେଳଷ୍ଟେସନରେ ପକାଇଦେଇଛନ୍ତି। ବାରଣର ସର୍ବାଙ୍ଗରୁ ରକ୍ତ ବହୁଛି। ଔପନ୍ୟାସିକ ବାରଣର ସ୍ଥିତି ସମ୍ପର୍କରେ ଲେଖିଛନ୍ତି – "କ'ଣ ଭାଙ୍ଗିଯାଇଛି କି ଡାହାଣ ଛାତି ତଳର ପଞ୍ଜରା ହାଡ଼। ଦିହ, ହାତ କେଉଁଠି ଆଉ ତା'ର ଖାଲି ନାହିଁ। ସବୁଠି ବସିଛି ମଲାରକ୍ତର ପଟା ଦାଗ। ତା'ପାଟି ଅଠା ଅଠା। ତଣ୍ଟିରେ ବହୁତ ଶୋଷ। (ପୃଷ୍ଠା-୨୮୫)

ବଲାଙ୍ଗୀର ଡାକ୍ତରଖାନାରେ ବାରଣର ମୃତଦେହ ପଡ଼ିଥିବାବେଳେ ସେପଟେ କିଶରୀ ଓ ତାର ଦୁଇପୁଅ ଇଟାଭାଟିରେ ଇଟା ଗଢ଼ୁନ୍ତି। ସେଠାରେ ଦଲାଲ ଶରତ କିଶରୀର ଅସୁବିଧାର ଫାଇଦା ଉଠାଇ ତାକୁ ଧର୍ଷଣ କରିଛି। କେବଳ ଯେ କିଶୋରୀ, ତାହା ନୁହେଁ ଅନେକ ଝିଅ, ବୋହୂ ଇଟା ଗଢ଼ିବାକୁ ଯାଇ ହରାନ୍ତି ନିଜର ଇଜ୍ଜତ। ଦଲାଲ ଶରତର ଦୈହିକ କାମନାକୁ ବର୍ଣ୍ଣନା କରିବାକୁ ଯାଇ ଔପନ୍ୟାସିକ ଲେଖିଛନ୍ତି – "ତା'ଦିହରେ ଆଉ ପିନ୍ଧନା ବୋଲି ଆଉ କିଛି ନାହିଁ। ସେ ଛାଟିପିଟି ହେଉଛି। ସେ ଯେତେ ଛାଟିପିଟି ହେଉଛି ଭୋକ ଶରତକୁ ସେତେ ହିଂସ୍ର କରୁଛି। ପଶୁ ହୋଇଯାଉଛି ଗୋଟେ ମଣିଷ। ତା ଛାତିକୁ ଦଳି ମଛି ପକାଉଛି ଗୋଟେ ପଶୁ।(ପୃଷ୍ଠା-୨୯୦) ଦଶହଜାର ଟଙ୍କା ନଥିବାରୁ ବାରଣ କୁମ୍ଭାରର ଶବକୁ ସନପୁରଠାରେ ଫୋପାଡ଼ି ଦେଇଛନ୍ତି। ବାରଣର ମୃତଦେହ ଗାଁ ରେ ପହଞ୍ଚିପାରିନାହିଁ। ଅର୍ଥାଭାବରୁ ଗୋଟେ ଦାଦନ ଶ୍ରମିକର ଶବ ପାଣିରେ ଭାସୁଛି। ପରେ କଲେକ୍ଟର ଏବଂ ପ୍ରଶାସନର ସହାୟତାରେ ବାରଣର ଶବସତ୍କାର ଗାଁ ରେ ହୋଇଛି। କିଶରୀ ଗାଁ କୁ ଫେରି ନିଜ ସ୍ୱାମୀର ମୃତ୍ୟୁ ପାଇଁ ଦଲାଲ୍ ଶରତକୁ ଦାୟୀ କରିଛି। ମାତ୍ର ଉପନ୍ୟାସର ଅନ୍ତିମ ପର୍ଯ୍ୟାୟରେ କିଛିଟା ଟଙ୍କା ପାଇଁ ଜିଲ୍ଲାପାଳଙ୍କ ପ୍ରରୋଚନାରେ କିଶରୀ ନିଜର ବୟାନ ବଦଳାଇଛି। ଟ୍ରେନରୁ ପଡ଼ି ବାରଣର ମୃତ୍ୟୁ ଘଟିଛି ବୋଲି ମିଡ଼ିଆକୁ କହିଛି।

ଉପନ୍ୟାସଟିରେ ଦେଖିବାକୁ ମିଳେ ଦାଦନ ଶ୍ରମିକମାନଙ୍କ ସଂଘର୍ଷ ଏବଂ ଯନ୍ତ୍ରଣାକୁ। ସର୍ଦ୍ଦାର ଲୋକର ମାଡ଼ରେ ବାରଣର ମୃତ୍ୟୁ, ଅର୍ଥାଭାବରୁ ଶବକୁ ବାଟରେ ଫୋପାଡ଼ି ଦେବା, ଶରତର କିଶରୀକୁ ଧର୍ଷଣ ଆଦି ଇଟାଭାଟିର ସର୍ଦ୍ଦାର ଏବଂ ଦଲାଲମାନଙ୍କ ଅମାନୁଷିକତା ପରିଚୟ ଦିଏ। ଗୋଟିଏ ପଟେ ସ୍ୱାମୀର ମୃତ୍ୟୁ ଅନ୍ୟ ପଟରେ ଶରତର ଦୈହିକ ଲାଳସାର ଶିକାର କିଶରୀ ଜୀବନକୁ ଛାରଖାର କରିଦିଏ। ପେଟର ଭୋକ ନିକଟରେ ନିଜ ପରିବାର, ନିଜ ଜନ୍ମମାଟି ସବୁକିଛି ତୁଛ କରିଦେଇ ଅନ୍ୟ ରାଜ୍ୟକୁ ଦାଦନ ଖଟି ଯାଉଥିବା ଶ୍ରମିକମାନଙ୍କର ଲୁହଭରା କାହାଣୀ ହେଉଛି 'ଦେଶାନ୍ତର' ଉପନ୍ୟାସ।

**ବସୁନ୍ଧରାର କୋହ (୨୦୧୮):**

ସମକାଳର ଜଣେ ବଳିଷ୍ଠ ପ୍ରାବନ୍ଧିକ ଏବଂ ଔପନ୍ୟାସିକ ହେଉଛନ୍ତି ରାସବିହାରୀ ବେହେରା।ରକ୍ତତୀର୍ଥ, ବସୁନ୍ଧରାର କୋହ, ସେଇ ପାହାଡ଼ ତଳେ, ଅଧିକାର, ଅନ୍ୱେଷୀ ପ୍ରଭୃତି ଉପନ୍ୟାସର ସେ ରଚୟିତା। ଆଲୋଚ୍ୟ 'ବସୁନ୍ଧରାର କୋହ' ଉପନ୍ୟାସଟି ଦାଦନ ସମସ୍ୟାକୁ କେନ୍ଦ୍ର କରି ଲେଖାଯାଇଛି । ଏ ଉପନ୍ୟାସ ରଚନା ପାଇଁ ଔପନ୍ୟାସିକ ଦେଶର ବିଭିନ୍ନ ଅଞ୍ଚଳ ବୁଲିବା ସହ ଦାଦନ ଶ୍ରମିକମାନଙ୍କ ସହ ରହିଛନ୍ତି, ସେମାନଙ୍କ ଜୀବନକୁ ପ୍ରତ୍ୟକ୍ଷ ଅନୁଭବ କରିଛନ୍ତି ଏବଂ ପରେ ତାକୁ ଉପନ୍ୟାସର ରୂପ ଦେଇଛନ୍ତି। ଏହି ଉପନ୍ୟାସରେ ଚାଷୀ ସମସ୍ୟା ସହ ଦାଦନ ସମସ୍ୟାକୁ ଯୋଡ଼ିବାରେ ସେ ସଫଳ ହୋଇଛନ୍ତି। ଉପନ୍ୟାସଟି ପ୍ରଥମେ ୨୦୧୭ ମସିହାରେ 'ବର୍ତ୍ତିକା' ପତ୍ରିକାରେ ପ୍ରକାଶ ଲାଭ କରିଥିଲା ଏବଂ ପରେ ୨୦୧୮ ମସିହାରେ ଏହା ଅର୍ଜି ପ୍ରକାଶନ ଦ୍ୱାରା ପୁସ୍ତକର ରୂପ ପାଇଲା।

ମାଟିଆ ଗାଁ ର ଫଗନୁ ପରିବାରକୁ ନେଇ ଉପନ୍ୟାସଟି ଗତିଶୀଳ। ଗାଁ ର ସମସ୍ତ ଲୋକ ଚାଷ କାର୍ଯ୍ୟ ଉପରେ ନିର୍ଭରଶୀଳ। ମାତ୍ର ବର୍ଷା ଅଭାବରୁ ଗାଁ ରେ ଦେଖାଦେଇଛି ମରୁଡ଼ି। ସବୁଜ ଧାନ କ୍ଷେତ ଧିରେ ଧିରେ ହଳଦିଆ ପଡ଼ିଯାଇଛି। ବନ୍ଧ, ପୋଖରୀ ସବୁ ଶୁଖି ଫାଟି ଆଁ କରିଛି। କାହା ଘରେ ଖାଇବାକୁ ଖାଦ୍ୟ ନାହିଁ କି ପିଇବାକୁ ପାଣି ନାହିଁ। ଭୋକଉପାସରେ ଲକ୍ଷ ଲକ୍ଷ ଲୋକ ପ୍ରାଣ ହରାଉଛନ୍ତି। ଫଗନୁ ଏବଂ ତାର ସ୍ତ୍ରୀ ରେଖା ଏହି ମରୁଡ଼ି ପ୍ରଭାବରୁ ଦୁଇ ପୁଅଙ୍କୁ କେମିତି ବଞ୍ଚାଇବେ ତା ସହ ନିଜେ କେମିତି ବଞ୍ଚିବେ ସେଇ ଚିନ୍ତାରେ ସର୍ବଦା ରହିଲେ। ବନ୍ଧୁବାନ୍ଧବଙ୍କ ଘରେ କିଛିଦିନ ଚଳିଗଲେ। କିନ୍ତୁ ବେଶୀ ଦିନ ସେଠି ରହିନପାରି ପୁଣି ଘରକୁ ଫେରିଆସିଲେ। ଏହି ସମୟରେ ଫଗନୁର ବଡ଼ ପୁଅ ତପନ ଚାଉଳ, ଡାଲି ରାସନ ସାମଗ୍ରୀ ଧରି ଘରକୁ ଆସିଲା। ଠିକାଦାରପାଖରୁ ଅଗ୍ରୀମ ଟଙ୍କା ଆଣି ଏସବୁ ଘରକୁ ଆଣିଛି ଏବଂ ବାହାର ରାଜ୍ୟକୁ ଯାଇ କାମ କରି ଠିକାଦାରର କରଜ ଶୁଝିବ। ଫଗନୁ କିନ୍ତୁ ବାହାରକୁ ଯିବା ପାଇଁ ରାଜି ହୁଏନି।ସେ ଜାଣେ ଯେ ଗରୀବି ଆଉ ଭୋକ ମଣିଷକୁ କିଛି ବି କରିବାକୁ ବାଧ କରେ। କିନ୍ତୁ ଫଗନୁ ଚାଷୀ ଘରର ପିଲା। ନିଜ ଗାଁ, ଭିଟାମାଟି, ଘରଦ୍ୱାର ଛାଡ଼ି ଦୂର ଜାଗାକୁ ଯାଇ ମଜୁରୀ ଖଟିବା ପାଇଁ ସେ ରାଜି ହେଲାନି। କେବଳ ତପନ ନୁହେଁ ଗାଁ ର ଅଧିକାଂଶ ଲୋକ ଦଲାଲ ପରେଶର କଥାରେ ବିଦେଶକୁ ଯିବା ପାଇଁ ରାଜି ହୋଇଥିଲେ। ମାତ୍ର ଫଗନୁକୁ ଯେତେ ଯାହା ବୁଝେଇଲେ ବି ସେ ଠିକାଦାରରେ ପାଲରେ ପଡ଼ିଲାନି। କିଛି ଦିନ ପରେ ଗାଁ ର ଅନେକ ଲୋକଙ୍କୁ ନେଇ ଠିକାଦାର ବାହାର ରାଜ୍ୟରେ ଛାଡ଼ିଆସିଛି। ସେଠାରେ ସମସ୍ତଙ୍କ କର୍ମକ୍ଷେତ୍ର ଅଲଗା ଅଲଗା। କିଏ ପଥର ଭାଙ୍ଗୁଛି ତ କିଏ ଇଟା ଗଢୁଛି। ପୁରୁଷ ହେଉ ଅବା ମହିଳା ସମସ୍ତେ ମାଲିକର ଅତ୍ୟାଚାରର ଶିକାର ହୁଅନ୍ତି। ମହିଳାମାନଙ୍କ ଦୁଃଖ ବେଦନାକୁ ଔପନ୍ୟାସିକ ଗୀତ ମାଧମରେ ପ୍ରକାଶ କରିଛନ୍ତି - "ଡାକିନେଲା

ଠିକାଦାର
ଘରଦ୍ୱାର ଛାଡ଼ି ବିଦେଶେ ଘର
ସଜନୀରେ
ପେଟ କାଜେ ହରବର।
ମଣିଷ ବେପାର କଲା
ଭିଟାମାଟି ସବୁ ଛଡ଼େଇ ଆନିଲା
ସଜନୀରେ
ଦେବତା କି ବାଗ ହେଲା।" (ପୃଷ୍ଠା-୧୧୩)

ତପନ ଭଲପାଉଥିବା ଚନ୍ଦ୍ରିକାକୁ ମାଲିକ ଭୁବନବାବୁ ନିଜ ପାଖରେ ରଖିଛି ଏବଂ ନିଜ ଝିଅ ତନୟାର ସମସ୍ତ ଦାୟିତ୍ୱ ଦେଇଛି ଚନ୍ଦ୍ରିକାକୁ। ଚନ୍ଦ୍ରିକା ପ୍ରତି ତା ମନରେ ମଧ ଦୁର୍ବଳତା ଅଛି। ମନେ ମନେ ଚନ୍ଦ୍ରିକାକୁ ବାହା ହେବାର ସ୍ୱପ୍ନ ମଧ ସେ ଦେଖେ।ଏପଟେ ଶ୍ରମିକମାନଙ୍କ ଉପରେ ମାଲିକର ମାଡ଼ ଅସହ୍ୟ ହୋଇଛି। ପଥର କ୍ରସର ମେସିନରେ କାହାର ହାତ ଛିଣ୍ଡିଯାଇଛି ତ ପଥର ପଡ଼ି କାହାର ଗୋଡ଼ ଭାଙ୍ଗିଯିବାରୁ ଡାକ୍ତରଖାନାରେ ଗୋଡ଼କୁ କାଟି ତାକୁ ବିକଳାଙ୍ଗ ସଜାଇଦିଆଯାଇଛି। ନିଜ ବାପା ମାଙ୍କୁ ବୃଦ୍ଧ ବୟସରେ ସାହାରା ଦେବା ପାଇଁ ଯେଉଁ ଯୁବକମାନେ ଆସି ବାହାର ରାଜ୍ୟରେ କାମ କରୁଥିଲେ ଏବେ ସେମାନେ ବିକଳାଙ୍ଗ ସାଜି ବାପା ମା ଙ୍କ ସାହାରାରେ ବଞ୍ଚିଛନ୍ତି। ଦଲାଲମାନଙ୍କ ଅତ୍ୟାଚାର, ନାରୀମାନଙ୍କ ପ୍ରତି କୁତ୍ସିତ ମନୋଭାବ ତପନ ପକ୍ଷରେ ଅସହ୍ୟ ହୋଇଛି। ପବନ ଉପରେ ସର୍ଦ୍ଦାର ରାଘବ ରେଡ଼ୀର ଅତ୍ୟାଚାରରେ ଅତିଷ୍ଠ ହୋଇ ତାକୁ ଏକ ଧକ୍କା ଦେବାରୁ ସେ ପଡ଼ି ଖଣ୍ଡିଆ ଖାବରା ହୋଇଗଲା। ଯାହା ଫଳରେ ତପନ ଏବଂ ପବନ ଉଭୟ ଅନେକ ମାଡ଼ ଖାଇ ଲହୁଲୁହାଣ ହେଲେ। ଅଭାବ ଅନଟନରେ ପଡ଼ି ଦାଦନ ଖଟିବାକୁ ଯାଇଥିବା ତପନ ମନରେ କ୍ରୋଧ ଆସିଛି। ଯେଉଁ ଦଲାଲ ଭରସାରେ ସେ ଆସିଥିଲା ସେ ଗାଁକୁ ପଳାଇଲା ଆଉ ଏକ ଦଲାଲ ପାଖରେ ଛାଡ଼ିଦେଇ। ଯେ କି ଶ୍ରମିକମାନଙ୍କ ଉପରେ ଅନେକ ଅତ୍ୟାଚାର କରେ।

ଯତୀନ ଏବଂ ବିଜୟ ଦୁଇବନ୍ଧୁ ଏ ଦାଦନ ସମସ୍ୟାର କଳୁଷିତ ରୂପକୁ ଖବରକାଗଜରେ ପ୍ରକାଶ କରନ୍ତି। ତପନ ଏବଂ ପବନ ଦୁଇଜଣ ମାଲିକର ଅତ୍ୟାଚାରରୁ ମୁକ୍ତି ପାଇବା ପାଇଁ ରାତାରାତି ସେଠାରୁ ଖସିଆସିଛନ୍ତି। 'ଦାଦନ


© 2026 ମାନସ କୁମାର ନାୟକ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ସେବା ସଦନ’ ରେ ଉଭୟଙ୍କର ଯତୀନ ଏବଂ ବିଜୟ ସହ ଭେଟ ହେବା ଫଳରେ ସେମାନେ ଦାଦନମାନଙ୍କ ଦୁଃଖକୁ ତାଙ୍କ ଆଗରେ ପ୍ରକାଶ କରନ୍ତି। ଏହା ଖବରକାଗଜରେ ପ୍ରକାଶିତ ହେବା ଫଳରେ ଚାରିଆଡ଼େ ଚହଳ ପଡ଼ିଯାଇଛି। ଶେଷରେ ସରକାର ଦାଦନମାନଙ୍କ ପାଇଁ ଏକ ବୋର୍ଡ଼ ଗଠନ କରି ଏକ ଆଇନ ଜାରି କରିଛନ୍ତି। ଯାହାଦ୍ୱାରା ଦାଦନ ପ୍ରଥା ଲୋପ ପାଇଛି। ପୋଲିସ୍ ରାଘବ ରେଡ଼ୀ ଏବଂ ଅନ୍ୟ ଦଲାଲ ମାନଙ୍କୁ ଗିରଫ କରିଛି। ଭୁବନବାବୁ ମଧ୍ୟ ଶ୍ରମିକମାନଙ୍କ ପ୍ରାପ୍ୟ ଦେଇଛନ୍ତି ଏବଂ ପୁରୁଷମାନଙ୍କୁ ଧୋତି, କୁର୍ତ୍ତା ଓ ନାରୀମାନଙ୍କୁ ଶାଢ଼ୀ ଦେଇ ସେମାନଙ୍କ ଗାଁ କୁ ପରେଶ ହାତରେ ପଠାଇଛନ୍ତି। ବିଜୟ ଏବଂ ଯତୀସହ ମିଶି ଦାଦନ ଶ୍ରମିକମାନଙ୍କ ପାଇଁ ସରକାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିବା ତପନର ଗୁଳିମାଡ଼ରେ ମୃତ୍ୟୁ ଘଟିଛି। ତପନକୁ ଭଲପାଉଥିବା ଚନ୍ଦ୍ରିକା ଏ ଖବରରେ ମର୍ମାହତ ହୋଇଛି। ତପନର ମା ରେଖା ଏବଂ ବାପା ଫଗୁନ ମଧ୍ୟ ଦୁଃଖରେ ଭାଙ୍ଗିପଡ଼ିଛନ୍ତି। ସମଗ୍ର ଦେଶ ତପନ ପାଇଁ ଶୋକ ପ୍ରକାଶ କରିଛି।

କେବଳ ତପନ ନୁହେଁ ଏମିତି ଅନେକ ଲୋକ ନିଜର ପେଟପାଟଣା ପାଇଁ ଦାଦନ ଖଟିବାକୁ ଯାଆନ୍ତି। ସେଠାକାର ପାଣି ପବନ, କଠିନ ପରିଶ୍ରମ, ଖାଦ୍ୟର ଅଭାବ ଏବଂ ମାଲିକମାନଙ୍କର ଅକଥନୀୟ ଅତ୍ୟାଚାର ଫଳରେ ମୃତ୍ୟୁବରଣ କରନ୍ତି ତ କିଏ ବିକଳାଙ୍ଗ ସାଜନ୍ତି। ଗାଁ ରେ କିନ୍ତୁ ସେମାନଙ୍କ ବାପା ମା ପୁଅର ଫେରିବା ବାଟକୁ ଅନାଇବସିଥାନ୍ତି। କଳାହାଣ୍ଡି, ନୂଆପଡ଼ା, ସୋନପୁର, ବଲାଙ୍ଗୀର,ବୌଦ୍ଧ ପ୍ରଭୃତି ଅଞ୍ଚଳର ବହୁ ଲୋକ ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ଆଦି ଅଞ୍ଚଳକୁ ଇଟାଭାଟି, ଘର ନିର୍ମାଣ, ପଥର ଖାଦାନ ଆଦି କାମରେ ଲାଗନ୍ତି। ସେମାନଙ୍କୁ ପେଟପୁରା ଖାଦ୍ୟ ମିଳେନାହିଁ। ତାଙ୍କ ପୁଅ ଝିଅଙ୍କୁ ମଧ୍ୟ ଉପଯୁକ୍ତ ଶିକ୍ଷା ମିଳେନାହିଁ। ଦାଦନମାନଙ୍କ ପାଇଁ ସରକାର ଆନ୍ତଃରାଜ୍ୟ ଦାଦନ ଚାଲାଣ ଆଇନ ୧୯୭୯ ମସିହାରେ ପ୍ରଣୀତ କରିଥିଲେ ମଧ୍ୟ ତାହା ବାହାର ରାଜ୍ୟରେ କାର୍ଯ୍ୟକାରୀ ହେଉନାହିଁ। ଫଳରେ ଶ୍ରମିକମାନେ ବାହାର ରାଜ୍ୟରେ ଦୁଃଖ ଭୋଗୁଛନ୍ତି। ପ୍ରାଚୀନ କାଳରେ ଦାସପ୍ରଥା ଯୋଗୁଁ ଦାସମାନେ ଯେଉଁଭଳି ଶୋଷଣ ଅତ୍ୟାଚାରର ଶିକାର ହେଉଥିଲେ ଆଜି ମଧ୍ୟ ଦାଦନମାନେ ସେହିପରି ଶୋଷଣ ଓ ଅତ୍ୟାଚାରର ଶିକାର ହୋଇ ମୃତ୍ୟୁବରଣ କରିଛନ୍ତି। ପ୍ରକାରାନ୍ତରେ କୃଷି ସମସ୍ୟାକୁ ମଧ୍ୟ ଏଠାରେ ଦେଖିବାକୁ ମିଳେ। ଉପଯୁକ୍ତ ଜଳସେଚନର ଅଭାବରୁ ମରୁଡ଼ି ଦେଖାଦେବା ଫଳରେ ଭୋକ ବିକଳରେ ସମସ୍ତେ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଇଛନ୍ତି।ଉପନ୍ୟାସର ନାୟକ ତପନର ଦାଦନ ଖଟିଯିବା, ସେଠାରେ ମାଲିକର ଅତ୍ୟାଚାର, ଦାଦନ ଶ୍ରମିକମାନଙ୍କ ତରଫରୁ ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ ଏବଂ ଶେଷରେ ଶ୍ରମିକମାନଙ୍କ ପାଇଁ ତପନର ଆତ୍ମାହୁତି ହିଁ ଏହି ଉପନ୍ୟାସର ସ୍ୱର।

**ମରୁଡ଼ି-୧୯୬୫ (୨୦୨୧) :**

ଔପନ୍ୟାସିକ ସାମୁଏଲ୍ ଦାନୀଙ୍କ ଦ୍ୱାରା ରଚିତ ‘ମରୁଡ଼ି-୧୯୬୫’ ଉପନ୍ୟାସଟି ୨୦୨୧ ମସିହାରେ କାବ୍ୟଲୋକ ପ୍ରକାଶନ ଦ୍ୱାରା ପ୍ରକାଶିତ ହୋଇଥିଲା। ଉପନ୍ୟାସଟି ୧୯୬୫-୬୬ ମସିହାର କଳାହାଣ୍ଡିର ଦୁର୍ଭିକ୍ଷକୁ ଭିତ୍ତି କରି ଲେଖାଯାଇଛି। ସେହି ଦୁର୍ଭିକ୍ଷର କରାଳ ପରିସ୍ଥିତିରେ କଳାହାଣ୍ଡିର ଦୁର୍ଦ୍ଦଶାଗ୍ରସ୍ତ ଲୋକଙ୍କୁ ସାହାର୍ଯ୍ୟ କରିଥିବା ଦୁଇ ମହିୟସୀ ମହିଳା ରମାଦେବୀ ଚୌଧୁରୀ ଓ ପାର୍ବତୀ ଗିରିଙ୍କୁ ଏ ଉପନ୍ୟାସଟି ସମର୍ପିତ। କଛନାମାଲ ଗାଁ କୁ କେନ୍ଦ୍ର କରି ଉପନ୍ୟାସଟି ଗଢ଼ିଉଠିଛି। ଉପନ୍ୟାସର ନାୟକ ଖୁଟୁଲୁ ତାଣ୍ଡିର ଚରିତ୍ର ମାଧ୍ୟମରେ ଔପନ୍ୟାସିକ ଦୁର୍ଭିକ୍ଷ ଭୋଗିଥିବା ଲୋକଙ୍କ ଦୁଃଖକୁ ଜଣାଇଛନ୍ତି। କେବଳ ମରୁଡ଼ି ନୁହେଁ ମରୁଡ଼ି ପଡ଼ିବା କାରଣରୁ ଲୋକମାନେ କିପରି ଭୋକଉପାସରେ ନିଜ ପେଟ ଚାଖଣ୍ଡକ ପାଇଁ ଦାଦନ ଖଟି ଯାଉଛନ୍ତି ତାର ଚିତ୍ର ମଧ୍ୟ ଏହି ଉପନ୍ୟାସରେ ଦେଖିବାକୁ ମିଳେ।

ଶ୍ରାବଣ ମାସରେ ଧାରା ବର୍ଷା ବଦଳରେ ସବୁଠି ହାହାକାର ପଡ଼ିଥିଲା। ଜମି, ନଦୀ, ପୋଖରୀ ଫାଟି ଆଁ କରିଥିଲା। ବୁଣିଥିବା ଧାନ ସବୁ ପାଣି ଅଭାବରେ ଗଜା ମରୁଡ଼ି ହେଇଗଲା। କଛନାମାଲ ଗାଁ ର ଲୋକେ ଜଙ୍ଗଲର କେନ୍ଦୁ, ଚାହାଁର, ଜାମ୍, ମହୁଲ ଆଦି ଖାଇ କିଛି ଦିନ ବଞ୍ଚିଗଲେ। ପରେ ଭୋକର ମାତ୍ରା ବଢ଼ିବାରୁ ପ୍ରଥମେ ବଳଦ, ପରେ ସୁନା, ରୂପା ଆଦି ଅଳଙ୍କାର ବିକ୍ରି କରିବାକୁ ଲାଗିଲେ। ଅନେକ ଲୋକ ମଧ୍ୟ ଭୋକରେ ପ୍ରାଣ ହରାଇଲେ। ଔପନ୍ୟାସିକଶୁକ ଚରିତ୍ର ମାଧ୍ୟମରେ ଦର୍ଶାଇଛନ୍ତି ଯେ ଭୋକ ବି ମୃତ୍ୟୁର କାରଣ ସାଜିପାରେ। ଔପନ୍ୟାସିକ ମରୁଡ଼ିର ଭୟାବହତା ଦର୍ଶାଇବାକୁ ଯାଇ ଲେଖିଛନ୍ତି – “ସନ୍ଧ୍ୟାରେ କଛନାମାଲରେ କାହାରି ଘରେ ଚୁଲୀ ଜଳିନାହିଁ। ଆସନ୍ନ ରାତ୍ରିକୁ ପଦ୍ମନ ତାଣ୍ଡିର ଝଞ୍ଜଣି ବାଦ୍ୟ ଆଉ ମହିମା ଭଜନ ସ୍ୱାଗତ କରିନାହିଁ। ରାତିରେ ଘରେ ଘରେ ନୀରବ ଆଲୋଚନା ହେଲା – ‘ଶୁକ ଶ୍ୱାସରେ ମରିନାହିଁ, ମରିଛି ଭୋକରେ। ବୋଧହୁଏ ମରୁଡ଼ି ଶୁକର ତଣ୍ଟି ଚିପିଦେଲା।”(ପୃଷ୍ଠା-୭୯) ଏ ଅକାଳ ମୃତ୍ୟୁରୁ ବର୍ତ୍ତିବା ପାଇଁ ନିଜକୁ ଜୀବିତ ରଖିବା ପାଇଁ ଲୋକମାନେ ନିଜର ଭିଟାମାଟି ଛାଡ଼ିଲେ। ରାୟପୁର ସମେତ ଅନେକ ଅଞ୍ଚଳକୁ ଦାଦନ ଖଟିବାକୁ ଗଲେ।

ଉପନ୍ୟାସଟି ଯଦିଓ କଳାହାଣ୍ଡିର ଦୁର୍ଭିକ୍ଷ ପଛଭୂମିରେ ରଚିତ ତଥାପି ଏଥିରେ ପଶ୍ଚିମ ଓଡ଼ିଶାର ଲୋକବିଶ୍ୱାସ, ପରମ୍ପରା, ରୀତି ନୀତି ଆଦିର ବର୍ଣ୍ଣନା ରହିଛି। ଯେପରିକି ଲୋକମାନଙ୍କର ବିଶ୍ୱାସ ଯେ ଯେଉଁ ବର୍ଷ ବାଉଁଶ ଫୁଲ ଫୁଟିବ, ସେହି ବର୍ଷ ମରୁଡ଼ି ହେବ। ବାଉଁଶ ଫୁଲ ଫୁଟି ସେଥିରେ ହେଇଥିବା ଫଳ ପାଚି ତଳେ ପଡ଼ିଲେ ଲୋକମାନେ ତାକୁ ଆଣି ଶୁଖାଇ ଚାଉଳ କରି ଖାଆନ୍ତି। ଯାହାକୁ ସେମାନେ ‘ବାଞ୍ଜିଚାଉଳ’ କହନ୍ତି। ଲୋକମାନଙ୍କର ବିଶ୍ୱାସ ଯେ ମରୁଡ଼ି ସମୟରେ ବାଞ୍ଜି ଫଳ ଫଳିବ ଏବଂ ଲୋକମାନେ ଏହାକୁ ଖାଇ ବଞ୍ଚିବେ। ଅନେକ ସମୟରେ ଏହା ଖାଇ ଲୋକମାନେ ମୃତ୍ୟୁମୁଖରେ ପଡ଼ିବାର ଦୃଷ୍ଟାନ୍ତ ମଧ୍ୟ ଦେଖିବାକୁ ମିଳେ। ଏ ଉପନ୍ୟାସରେ ଜାତିପ୍ରଥା, ମରୁଡ଼ି ସମୟରେ ଲୋକମାନଙ୍କ ମଧ୍ୟରେ ଏକତା, ରିଲିଫର ବାଟମାରଣା, ରିଲିଫ୍ କମିଶନରଙ୍କ ଦ୍ୱାରା ନାରୀମାନେ ଧର୍ଷଣର ଶିକାର ଏବଂ ସର୍ବୋପରି ଏଭଳି ଭୟଙ୍କର ପରିସ୍ଥିତି ରେ ରମାଦେବୀ ଓ ପାର୍ବତୀ ଦେବୀଙ୍କ ସାହାର୍ଯ୍ୟକୁ ଦେଖିବାକୁ ମିଳେ।

**ଉପସଂହାର :**

ଏହାବ୍ୟତୀତ ଶରତ ଚନ୍ଦ୍ର ମିଶ୍ରଙ୍କ ‘ପ୍ରବାସୀ’ ଉପନ୍ୟାସରେ ମଧ୍ୟ ଏହି ଦାଦନର ଚିତ୍ର ଦେଖିବାକୁ ମିଳେ। ମାତ୍ର ବର୍ତ୍ତମାନ ତାହା ଅପ୍ରକାଶିତ ଏବଂ ଅନୁପଲବ୍ଧ କାରଣରୁ ତାକୁ ଆଲୋଚନାର ପରିସରଭୁକ୍ତ କରାଯାଇପାରିନାହିଁ।ନିବନ୍ଧଟିରେ ଆଲୋଚିତ ପ୍ରତ୍ୟେକଟି ଉପନ୍ୟାସରେ ଦାଦନ ସମସ୍ୟାକୁ ଦେଖିବାକୁ ମିଳେ। ନିଜ ଭିଟାମାଟି ଛାଡ଼ି ବାହାର ରାଜ୍ୟରେ ଦାଦନ ଖଟୁଥିବା ଶ୍ରମିକମାନଙ୍କ ପ୍ରତି ହେଉଥିବା ଅତ୍ୟାଚାରର ଚିତ୍ରକୁ ଔପନ୍ୟାସିକ/ଔପନ୍ୟାସିକାମାନେ ଅତି ଚମତ୍କାର ଢଙ୍ଗରେ ବର୍ଣ୍ଣନା କରିଛନ୍ତି। ଟୀର, ଟେବା, କିଶରୀ ପରି ଅନେକ ଯୁବତୀ ଦାଦନ ଖଟିବାକୁ ଯାଇ ଧର୍ଷଣର ଶିକାର ହୁଅନ୍ତି ଏବଂ ନିଜର ପ୍ରାଣ ହରାନ୍ତି। ଦାଦନ ସମସ୍ୟାର ମୁଖ୍ୟ କାରଣ ଭାବେ ବେକାରୀ, ଓଡ଼ିଶାରେ ନିଯୁକ୍ତି ସୁଯୋଗର ଅଭାବ, ଦୁର୍ଭିକ୍ଷ ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ଗ୍ରହଣ କରାଯାଇପାରେ। ଅଧିକ ଟଙ୍କା ରୋଜଗାର ପାଇଁ ବାହାର ରାଜ୍ୟକୁ ଯିବା ଭୁଲ୍ ନୁହେଁ ମାତ୍ର ସେଠାରେ ଏହି ଶ୍ରମିକମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ଶୋଷଣ ଭୁଲ୍। ଏଥିପାଇଁ ଯଦିଓ ସରକାର ଦାଦନ ଚାଲାଣ ଆଇନ୍‌ର ପ୍ରଚଳନ କରିଛନ୍ତି ମାତ୍ର ତାହା ଠିକ୍ ରୂପେ କାର୍ଯ୍ୟକାରୀ ହେଉପାରିନାହିଁ। ଏବେବି ଅନେକ ଯୁବକ ଯୁବତୀ ଦାଦନ ଯାଇ କିଏ ଇଟାଭାଟିରେ ନିଜ ହାତ ହରାଇବାବେଳେ କିଏ ପଥର ଖାଦାନରେ ଗୋଡ଼କୁ ହରାଇ ସାରା ଜୀବନ ବିକଳାଙ୍ଗ ସାଜେ। କାହାର ମାଲିକର ମାଡ଼ରେ ଜୀବନ ଯିବାବେଳେ କିଏ ଦଲାଲର ଲୋଲୁପ ଦୃଷ୍ଟିର ଶିକାର ହୋଇ ଧର୍ଷିତା ସାଜି ଆତ୍ମହତ୍ୟା କରେ। ଏମାନେ ଗରିବ ଦିନମଜୁରିଆ ହୋଇଥିବାରୁ ଏମାନଙ୍କ


© 2026 ମାନସ କୁମାର ନାୟକ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ପାଖରେ ପ୍ରତିବାଦର ସ୍ୱର ନଥାଏ। ଏହିପରି ଦାଦନ ଶ୍ରମିକମାନଙ୍କ ଦୁଃଖ, ଯନ୍ତ୍ରଣା ଓ ସଙ୍ଘର୍ଷକୁ ଉପନ୍ୟାସ ଜରିଆରେ ସମାଜର ସାମ୍ନାକୁ ଆଣିଥିବା ଲେଖକମାନେ ସର୍ବଦା ପାଠକ ମହଲରେ ଆଦୃତ ରହିବେ।

## ସହାୟକ ଗ୍ରନ୍ଥସୂଚୀ :

୧. ଦାନୀ ସାମୁଏଲ୍। ମରୁଡ଼ି-୧୯୬୫। ଭୁବନେଶ୍ୱର: କାବ୍ୟଲୋକ ପ୍ରକାଶନ; ୨୦୨୧।
୨. ଦାସ ଅଜିତ କୁମାର, ସମ୍ପାଦକ। ସମୀକ୍ଷକଙ୍କ ଦୃଷ୍ଟିରେ ଉତ୍ତର ଅଶୀ ଓଡ଼ିଆ ସାହିତ୍ୟ। କଟକ: ଫ୍ରେଣ୍ଡସ୍ ପବ୍ଲିଶର୍ସ; [ବର୍ଷ ଉଲ୍ଲେଖ ନାହିଁ]।
୩. ପରିଡ଼ା ପ୍ରକାଶ କୁମାର, ସମ୍ପାଦକ। ଏକବିଂଶ ଶତାବ୍ଦୀର ଓଡ଼ିଆ ସାହିତ୍ୟ। କଟକ: ବିଜୟିନୀ ପବ୍ଲିକେଶନ; ୨୦୨୩।
୪. ପଣ୍ଡା ଚିତ୍ତରଞ୍ଜନ। ଓଡ଼ିଆ ଉପନ୍ୟାସ ସ୍ରଷ୍ଟାଙ୍କ କୃତି ଓ କୃତିତ୍ୱ। କଟକ: ଏ. କେ. ମିଶ୍ର ପବ୍ଲିକେଶନ; ୨୦୨୦।
୫. ବେହେରା ରାସବିହାରୀ। ବସୁନ୍ଧରାର କୋହ। ୨ୟ ସଂସ୍କରଣ। ଭବାନୀପାଟଣା: ଅର୍ଜି ପ୍ରକାଶନୀ; ୨୦୨୩।
୬. ମିଶ୍ର ଆଦିତ୍ୟେଶ୍ୱର। ଦେଶାନ୍ତର। ସାମ୍ନା ପୂଜା ସଂଖ୍ୟା; ୨୦୧୬।
୭. ମିଶ୍ର ଶରତ ଚନ୍ଦ୍ର। ପ୍ରବାସୀ। [ପ୍ରକାଶନ ସୂଚନା ଉପଲବ୍ଧ ନାହିଁ]।
୮. ମିଶ୍ର ସଞ୍ଜୟ କୁମାର। ଦାଦନ ସୁନ୍ଦରୀ। ଭୁବନେଶ୍ୱର: ଟାଇମପାସ୍ ପ୍ରକାଶନ; ୨୦୧୪।
୯. ମିଶ୍ର ସ୍ୱପ୍ନା। ଦାଗ। ଭୁବନେଶ୍ୱର: ପଶ୍ଚିମା ପବ୍ଲିକେଶନ; ୨୦୧୩।
୧୦. ମିଶ୍ର ସ୍ୱପ୍ନା। ଜାଲ। ୨ୟ ସଂସ୍କରଣ। ବାଲେଶ୍ୱର: ଶ୍ରଦ୍ଧା ପବ୍ଲିକେଶନ; ୨୦୨୪।
୧୧. ସାହୁ ସରୋଜିନୀ। ଦାଦନ। ଭୁବନେଶ୍ୱର: ଟାଇମପାସ୍ ପ୍ରକାଶନ; ୨୦୧୬।
୧୨. ହୋତା ହିମାଂଶୁ କୁମାର। ଦାଦନ ରାଜ୍ୟ। ଭୁବନେଶ୍ୱର: ସ୍ୱସ୍ତିକ ପ୍ରକାଶନ; ୨୦୧୬।

**Creative Commons License**

This article is an open-access article distributed under the terms and conditions of the Creative Commons Attribution–Non-commercial–No Derivatives 4.0 International (CC BY-NC-ND 4.0) License. This license permits users to copy and redistribute the material in any medium or format for non-commercial purposes only, provided that appropriate credit is given to the original author(s) and the source. No modifications, adaptations, or derivative works are permitted.

**About the Author**



**ମାନସ କୁମାର ନାୟକ** ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଭାରତୀୟ ଭାଷା ଓ ସାହିତ୍ୟ ବିଭାଗ (ଓଡ଼ିଆ)ରେ ଗବେଷକ ଭାବେ କାର୍ଯ୍ୟରତ। ତାଙ୍କର ଗବେଷଣା ଆଗ୍ରହ ଓଡ଼ିଆ ଭାଷା, ସାହିତ୍ୟ, ଉପନ୍ୟାସ ଓ ସମକାଳୀନ ସାମାଜିକ ସମସ୍ୟାର ସାହିତ୍ୟିକ ପ୍ରତିଫଳନ ଅଧ୍ୟୟନ ଉପରେ କେନ୍ଦ୍ରିତ। ସେ ଓଡ଼ିଆ ସାହିତ୍ୟର ବିଭିନ୍ନ ଦିଗ ଉପରେ ଅଧ୍ୟୟନ ଓ ଗବେଷଣା କରୁଛନ୍ତି।


© 2026 ମାନସ କୁମାର ନାୟକ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/